## ସଂକ୍ଷେପରେ

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୬।୭(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ସଂସ୍କୃତ ବିଭାଗର କୋଠରିରେ ଥିବା ଏସି, ପ୍ରିଣ୍ଟର ମେଶିନ୍, ଜେରକ୍ସ ମେଶିନ୍, କମ୍ପ୍ୟୁଟର, ସୋଫା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାୟ ୮୦ ହଜାର ଟଙ୍କାର ଜିନିଷ କ୍ଷତି ହୋଇଥିବା ଅଗ୍ନିଶମ ବିଭାଗ ସୂଚନା ଦେଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ ସଂସ୍କୃତ ବିଭାଗର ଏକ କୋଠରିରେ ନିଆଁ ଲାଗିଯାଇଥିଲା। ସଙ୍ଗେସଙ୍ଗେ ବହୁ ସାମଗ୍ରୀ ଜଳିଯାଇଥିଲା। ତେବେ ବିଭାଗର ପ୍ରଫେସର ଓ କର୍ମଚାରୀମାନେ ଦୌଡ଼ି ପଦାକୁ ବାହାରି ଆସିଥିଲେ। ବିଶ୍ୱବିଦ୍ୟାଳୟର ସୁରକ୍ଷାକର୍ମୀ, କର୍ମଚାରୀ ଓ କେତେଜଣ ଛାତ୍ର ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କଳ୍ପନା ଛକସ୍ଥିତ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ହସ୍ତଶିଳ୍ପ କଳାର ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର,୬।୭(ବ୍ୟୁରୋ):** ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ତରଫରୁ ରାଜ୍ୟର ବିଭିନ୍ନ ହସ୍ତଶିଳ୍ପ କଳାର ଭୌଗୋଳିକ ସୂଚକାଙ୍କ (ଜିଓଗ୍ରାଫିକାଲ୍ ଇଣ୍ଡିକେଶନ୍) ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ଆରମ୍ଭ ହୋଇଛି । ଏହି କ୍ରମରେ ଓଡ଼ିଶାର ୩ଟି ଶିଳ୍ପକଳା ଯଥା 'କୋଣାର୍କ ପଥର ଖୋଦେଇ', 'ପିପିଲି ଚାନ୍ଦୁଆ' ଏବଂ 'ଓଡ଼ିଶା ପଟ୍ଟଚିତ୍ର'ର ଭୌଗୋଳିକ ସୂଚକାଙ୍କ ସମ୍ପନ୍ନ ହୋଇସାରିଛି । ବିଭାଗ ପକ୍ଷରୁ କଟକ ଚାନ୍ଦି ତାରକସି କଳାର ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ ନିମନ୍ତେ ଦରଖାସ୍ତ ଦାଖଲ କରାଯାଇଛି। ଉତ୍କଳିକା ମାଧ୍ୟମରେ ଆବଶ୍ୟକ ନଥି ସହ ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ କାର୍ଯ୍ୟାଳୟ, ଚେନ୍ନାଇରେ ୨୦୨୧ ଜୁଲାଇ ୫ ତାରିଖରେ ଏହି ଦରଖାସ୍ତ ଦାଖଲ କରାଯାଇଛି । ଏହି ପ୍ରକ୍ରିୟାରେ ରାଜ୍ୟରେ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରସିଦ୍ଧି ଆଣିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ଭୌଗୋଳିକ ସୂଚକାଙ୍କ ପ୍ରାପ୍ତି ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ବିଭାଗର ନିର୍ଦ୍ଦେଶକ ସନାତନ ନାୟକ କହିଛନ୍ତି।

### ରୋଟାରିଆନ ସରୋଜ ଦାଶଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୬।୭:** ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ରୋଟାରୀ ଏଲିଟ'ର ପୂର୍ବତନ ସଭାପତି ତଥା ଯୁବ ସାମାଜିକକର୍ମୀ ସରୋଜ ଦାଶ ରୋଟାରୀ କ୍ଲବ ୩୨୬୨ ପ୍ରାନ୍ତର କନ୍ୟା ସଶକ୍ତୀକରଣ ବିଭାଗର ନୂତନ ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। କନ୍ୟା ସନ୍ତାନର ସୁରକ୍ଷା ଏବଂ ଶିକ୍ଷା ଓ ସ୍ୱାବଲମ୍ବୀ କରିବା ଦିଗରେ ସେ କାର୍ଯ୍ୟ କରିଆସୁଛନ୍ତି। ସେହିପରି 'କନ୍ୟା ଅନମୋଲ ହେ' ସାମାଜିକ ସଙ୍ଗଠନର ଜାତୀୟ ଆବାହକ ରୂପେ ସେ କାର୍ଯ୍ୟକରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ମହାମାରୀ ସମୟରେ କନ୍ୟା ସନ୍ତାନ ସୁରକ୍ଷା ପାଇଁ ରୋଟାରୀ ଏଲିଟ ପକ୍ଷରୁ ଆରମ୍ଭ କରାଯାଇଥିବା 'ଉପହାର ଭବିଷ୍ୟତ ପାଇଁ', 'ଶିକ୍ଷା ଦାନ ଶ୍ରେଷ୍ଠ ଦାନ' ଏପରିକି ଦକ୍ଷତା ବୃଦ୍ଧି ପାଇଁ 'ଦେବୀ' ଭଳି କାର୍ଯ୍ୟକ୍ରମ ଜରିଆରେ କନ୍ୟାସନ୍ତାନଙ୍କ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ସେ ହାତକୁ ନେଇ ସୂଚାରୁ ରୂପେ ସମ୍ପାଦନ କରୁଛନ୍ତି। ଏହି ନୂତନ ଦାୟିତ୍ୱକୁ ସେ ଆହୁରି ଦୃଢତାର ସହ ସମ୍ପାଦନ କରିବେ ବୋଲି ସରୋଜ କହିଛନ୍ତି।

### ଶିଶୁପୁତ୍ର ମୃତଦେହ ଫିଙ୍ଗିଦେଲେ ବାପା

**ରେଳଧାରଣାରୁ ଜବତ**

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୬।୭(ଡି.ଏନ୍.ଏ):** ଭୁବନେଶ୍ୱର ଶିଶୁଭବନ ନିକଟ ଓଭରବ୍ରିଜ ତଳ ରେଳଧାରଣାରୁ ମଙ୍ଗଳବାର ଜିଆର୍‌ପି ପୋଲିସ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ଉକ୍ତ ଶିଶୁପୁତ୍ରର ମୃତ୍ୟୁ ପରେ ତାଙ୍କ ବାପା ମୃତଦେହକୁ ରେଳଧାରଣାରେ ଫିଙ୍ଗି ଦେଇଥିବା ଜିଆର୍‌ପି ପୋଲିସ ସୂଚନା ଦେଇଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୩୧/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ଖଣ୍ଡଗିରି ଥାନା ଜାଗମରା ଅଞ୍ଚଳର ବିଭୂତି ଭୂଷଣ ଚୌଦ୍ରିଙ୍କର ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏକ କ୍ଲିନିକରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ତେବେ ଜନ୍ମ ପରେ ଶିଶୁର ସ୍ୱାସ୍ଥ୍ୟ ଖରାପ ହେବାରୁ ତାକୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ପରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ତେବେ ବିଳମ୍ବିତ ରାତିରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଫଳରେ ବିଭୂତି ନିରାଶ ହୋଇ ମୃତଦେହକୁ ଶିଶୁଭବନ ଓଭରବ୍ରିଜ ରେଳ ଧାରଣାରେ ଫିଙ୍ଗିଦେଇଥିଲେ।

# ୨୫ ହଜାର ବର୍ଗଫୁଟରୁ କମ୍ ଶପିଂ ମଲ୍ ଖୋଲିବ

- କୋଭିଡ୍ ଗାଇଡ୍‌ଲାଇନ୍ ବାଧ୍ୟତାମୂଳକ
- ସର୍ବାଧିକ ୨୫ ଗ୍ରାହକ ଏକକାଳୀନ ଦୋକାନରେ ରହିପାରିବେ

**ଭୁବନେଶ୍ୱର, ୬।୭(ବ୍ୟୁରୋ)**

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ଅନେକ କଟକଣାକୁ କୋହଳ କରାଯାଇଛି। ଏହି ପରିପ୍ରେକ୍ଷୀରେ ୫%ରୁ ଅଧିକ ସଂକ୍ରମଣ ଥିବା ୧୦ଟି ଜିଲାରେ ପ୍ରାୟ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ମଲ୍ ଖୋଲିବାକୁ ଅନୁମତି ମିଳିନାହିଁ। ଏହାକୁ ନେଇ ଅନେକ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କ ଦୋକାନ ଓ ଶପିଂ କମ୍ପ୍ଲେକ୍ସ ମଲ୍ ଅନ୍ତର୍ଭୁକ୍ତ ହେଉ ନ ଥିବାରୁ ଏହାକୁ ଖୋଲିବାକୁ ଅନୁମତି ଦେବା ପାଇଁ ଅନୁରୋଧ କରିଥିଲେ। ମଙ୍ଗଳବାର ବିଏମ୍‌ସି ପକ୍ଷରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। ୨୫ ହଜାର ବର୍ଗଫୁଟରୁ କମ୍ କ୍ଷେତ୍ର ଥିବା ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ବା ଶପିଂ କମ୍ପ୍ଲେକ୍ସଗୁଡ଼ିକୁ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଯେଉଁ କମ୍ପ୍ଲେକ୍ସଗୁଡିକ ଏକାଧିକ ମହଲାଯୁକ୍ତ ହୋଇଥିବ ତାହାକୁ ଗୋଟିଏ ୟୁନିଟ୍ ଭାବେ ବିଚାରକୁ ନିଆଯିବ। ଯଦି ବ୍ୟବସାୟୀ କମ୍ପ୍ଲେକ୍ସ ଗୁଡିକର ଗୋଟିଏ ଅଂଶକୁ ଖୋଲି ତାହାକୁ ୨୫ହଜାର ବର୍ଗଫୁଟରୁ କମ୍ ବୋଲି ଦାବି କରନ୍ତି, ତେବେ ତାହାକୁ ଗ୍ରହଣ କରାଯିବ ନାହିଁ। ସେହିପରି ଶପିଂ କମ୍ପ୍ଲେକ୍ସରେ ଥିବା ଅଫିସ୍ କମ୍ପ୍ଲେକ୍ସକୁ ମଧ୍ୟ ଗୋଟିଏ କମ୍ପ୍ଲେକ୍ସ ଭାବେ ଗଣାଯିବ। ତେଣୁ ଯେଉଁ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ବା ଶପିଂ କମ୍ପ୍ଲେକ୍ସର ସମୁଦାୟ କ୍ଷେତ୍ର ସମୁଦାୟ ୨୫ହଜାର ବର୍ଗଫୁଟ ମଧ୍ୟରେ ହୋଇଥିବ କେବଳ ସେମାନେ ବ୍ୟବସାୟ କରିପାରିବେ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଏହା ବ୍ୟତୀତ ବ୍ୟବସାୟୀ ଓ ଗ୍ରାହକମାନେ ସମସ୍ତ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବେ। ସେହିପରି ବ୍ୟବସାୟ ସମୟରେ ସର୍ବାଧିକ ୨୫ ଜଣ ଗ୍ରାହକ ଏକ ସମୟରେ ଦୋକାନରେ ରହିପାରିବେ। ତେବେ ସେମାନଙ୍କ ମଧ୍ୟରେ ୬ଫୁଟର ଦୂରତା ରହିବା ଆବଶ୍ୟକ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ୪୮୦ ଛୁଇଁଲା କରୋନା ମୃତ୍ୟୁ

**ଭୁବନେଶ୍ୱର, ୬।୭(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ କେତେବେଳେ କମୁଛି ତ ପୁଣି କେତେବେଳେ ଉପରମୁହାଁ ହେଉଛି। ଗତ ୩ଦିନ ଧରି ସହରରେ ସଂକ୍ରମଣ ସଂଖ୍ୟା ୨ଶହ ମଧ୍ୟରେ ସୀମିତ ରହୁଥିବାବେଳେ ମଙ୍ଗଳବାର ୩ଶହ ଟପିଛି। ଗତ ୨୪ଘଣ୍ଟାରେ ଏଠାରେ ୩୧୭ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩୩୧ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷେ ଗତ ୧୦ ଦିନ ହେବ ଦୈନିକ ୫ ସଂକ୍ରମିତଙ୍କର ମୃତ୍ୟୁ ହେଉଛି। ଗୋଟିଏ ପଟେ ସୁସ୍ଥଙ୍କ ହାର ବଢୁଥିବାବେଳେ ଅନ୍ୟପଟେ ମୃତ୍ୟୁହାର ମଧ୍ୟ ବଢି ଚାଲିଛି। ଗତ ୨୪ ଘଣ୍ଟାରେ ପୁଣି ୫ଜଣଙ୍କ ଜୀବନ ନେଇଛି ମହାମାରୀ। ଏହାକୁ ମିଶାଇ ସହରରେ ମୃତ୍ୟୁସଂଖ୍ୟା ୪୮୦ ଛୁଇଁଛି। ସେହିପରି ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୯୧ହଜାର ୯୫୮କୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୦ହଜାର ୩୨୯ଜଣ ଆରୋଗ୍ୟ ହୋଇସାରିଲେଣି। ୧୧୨୮ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

ନୂତନ ଭାବେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୭୪ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୨୪୩ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସର୍ବାଧିକ ୧୭ଆକ୍ରାନ୍ତ ପଟିଆରୁ ଚିହ୍ନଟ ହୋଇଛନ୍ତି। ସେହିପରି ଖଣ୍ଡଗିରି ଓ ସୁନ୍ଦରପଦାରୁ ୧୪ଜଣ ଲେଖାଏ, ଡୁମୁଡୁମାରୁ ୧୦ଜଣ, ଚନ୍ଦ୍ରଶେଖରପୁର ଓ ନୟାପଲ୍ଲୀରୁ ୯ଜଣ ଲେଖାଏ, ବଡଗଡ, ପଳାଶୁଣୀ, ଲକ୍ଷ୍ମୀସାଗରରୁ ୬ଜଣ ଲେଖାଏ, ଶହୀଦନଗର, ନହରକଣ୍ଟା, ସାମନ୍ତରାପୁର, ଶାସ୍ତ୍ରୀନଗର, ୟୁନିଟ-୯, ମଞ୍ଚେଶ୍ୱରରୁ ୫ଜଣ ଲେଖାଏ, ବରମୁଣ୍ଡା, ଜାଗମରା, ପୁରୁଣା ଭୁବନେଶ୍ୱର, ନୀଳାଦ୍ରି ବିହାର, କଳିଙ୍ଗ ବିହାରରୁ ୭ଜଣ ଲେଖାଏ, ଘାଟିକିଆ, ଆଚାର୍ଯ୍ୟବିହାର, ହଂସପାଳ, ଆଇଆର୍‌ସି ଭିଲେଜ୍, ବାପୁଜୀ ନଗର, ଜୟଦେବ ବିହାର, ପାତ୍ରପଡା, ରସୁଲଗଡରୁ ୪ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।



ବନ ମହୋତ୍ସବ ଅବସରରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନ ପରିସରରେ ଚାରା ରୋପଣ କରୁଛନ୍ତି।

## ଯୁବକଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା

**ବାଲିପାଟଣା,୬।୭(ଡି.ଏନ୍.ଏ.)**

ବାଲିପାଟଣା ଥାନା ବାରିଲୋ ଗ୍ରାମର ପ୍ରଶାନ୍ତ ଭୋଇ ୩ଦିନ ପୂର୍ବେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ତେବେ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଉ ନାହିଁ ବୋଲି ଦାବିରେ ମଙ୍ଗଳବାର ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ଥାନା ଆଗରେ ଧାରଣା ଦେଇଥିଲେ। ଅନ୍ୟପଟେ କେତେଜଣ ଗ୍ରାମବାସୀ ଧାରଣାରେ ବସିଥିବା ଜେଣ ଯୁବକଙ୍କୁ ଉଠାଇ ନେଇଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପହଞ୍ଚି ବୁଝାଶୁଝା କରିବା ପରେ ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏଥିସହ ପୋଲିସ ଉତ୍ୟକ୍ତ ଲୋକଙ୍କ ନିକଟରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ସୂଚନାଥାଉ କି, ପ୍ରଶାନ୍ତଙ୍କ ୫ବର୍ଷ ପୂର୍ବେ ବିବାହ ହୋଇଥିଲା। ତେବେ ତାଙ୍କ ସ୍ତ୍ରୀଙ୍କ ଏହି ଗ୍ରାମର ଜଣେ ଯୁବକଙ୍କ ସହିତ ସମ୍ପର୍କ ଥିବା ନେଇ ପ୍ରଶାନ୍ତ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକାରୀ ଅଧିକାରୀ ସ୍ୱାମୀ-ସ୍ତ୍ରୀଙ୍କୁ ଆପୋସ ବୁଝାମଣା କରି ଛାଡିଥିଲେ। ଏଥିରେ ପ୍ରଶାନ୍ତ ରାଜି ହୋଇ ନ ଥିଲେ। ପ୍ରଶାନ୍ତ ବିଷ ପିଇବାରୁ ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଏଥିରେ ସମ୍ପୃକ୍ତ ଥିବା ଯୁବକଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଥାନା ଅଧିକାରୀ ବରାଡ଼ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଥିଲା।

## ଟଙ୍କା, ସୁନା ଗହଣା ଭର୍ତ୍ତି ବ୍ୟାଗ ପାଇ ଫେରାଇଲେ

**ଅଟୋ ଡ୍ରାଇଭରଙ୍କ ମାନବିକତା**

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ରାଜଧାନୀରେ ଜଣେ ଅଟୋ ଡ୍ରାଇଭର ମାନବିକତା ଦେଖାଇଛନ୍ତି। ମଙ୍ଗଳବାର ସେ ରାସ୍ତାରେ ଯାଉଥିବାବେଳେ ଟଙ୍କା ଓ ସୁନାଗହଣା ଭର୍ତ୍ତି ଏକ ବ୍ୟାଗ ପାଇ ଲୋଭର ବଶବର୍ତ୍ତୀ ନ ହୋଇ ତାହାକୁ ତମାଣ୍ଡୋ ଥାନାରେ ହଜିଯାଇଥିବା ବ୍ୟକ୍ତିଙ୍କୁ ଫେରାଇଛନ୍ତି। ଏଥିପାଇଁ ତାଙ୍କୁ ସବୁ ମହଲରେ ପ୍ରଶଂସା କରାଯାଇଛି। ବ୍ୟାଗ ପାଇ ଫେରାଇଥିବା ଅଟୋ ଚାଳକ ଜଣକ ହେଲେ ବାଲିପାଟଣା ଥାନା ବନମାଳୀପୁରର ଅଜୟ କୁମାର ନାୟକ (୨୯) ।

ସୂଚନା ଅନୁଯାୟୀ, ମଙ୍ଗଳବାର କଟକ ବାଙ୍କୀ ଥାନା ଅଞ୍ଚଳର ଯିଶୁ ବିହାରୀ (୪୨) ତାଙ୍କ ସ୍ତ୍ରୀଙ୍କ ସହ ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳକୁ ବାଇକରେ ଆସୁଥିଲେ। ସେ ତମାଣ୍ଡୋ ଥାନା ଅଧୀନ କଳିଙ୍ଗବିହାର ନିକଟରେ ଯାଉଥିବାବେଳେ ତାଙ୍କ ବାଇକରୁ ଏକ ବ୍ୟାଗ୍ ରାସ୍ତାରେ ଖସି ପଡ଼ିଥିଲା। ବ୍ୟାଗ୍‌ରେ ୨ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ସମେତ ୧୨ହଜାର ଟଙ୍କା ଥିଲା। ଖଣ୍ଡଗିରି ଛକରେ ତାଙ୍କ ବାଇକରୁ ଉକ୍ତ ବ୍ୟାଗ୍‌ଟି ଖସିପଡ଼ିଥିବା ସେମାନେ ଜାଣିବାକୁ ପାଇଥିଲେ। ତେବେ ଅଟୋ ଚାଳକ ଅଜୟ ରାସ୍ତାରୁ ବ୍ୟାଗଟି ପାଇ ତମାଣ୍ଡୋ ଥାନାକୁ ଯାଇ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ତାଙ୍କ ବ୍ୟାଗ ପାଇ ତମାଣ୍ଡୋ ଥାନାରେ ଦେଇଥିବା ଜାଣି ଯିଶୁ ଓ ତାଙ୍କ ସ୍ତ୍ରୀ ସେଠାକୁ ଯାଇଥିଲେ। ସେଠାରେ ଅଜୟ ପୋଲିସ ଉପସ୍ଥିତିରେ ତାଙ୍କୁ ବ୍ୟାଗ ଫେରାଇଥିଲେ।



ଅଜୟ କୁମାର ନାୟକ ପାଇଥିବା ବ୍ୟାଗ୍‌କୁ ଥାନାରେ ଯିଶୁ ବିହାରୀଙ୍କୁ ଫେରାଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ସାଗରକାନ୍ତ



@ ଦେବପ୍ରସାଦ



@ ଜ୍ୟୋତି



@ ମାନସ



@ ସୁଦୀପ୍ତା



@ ସାମ୍ସନ

## ବନ୍ଧୁକ ଦେଖାଇ ୫୦ହଜାର ଟଙ୍କା ଲୁଟ୍

**ବାଲକାଟୀ,୬।୭(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ବାଲକାଟୀ ଫାଣ୍ଡି ଅଞ୍ଚଳ ପୁରୁଣା ଜଗନ୍ନାଥ ସଡ଼କରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କୁ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟି ନେଇଯାଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା କର୍ମଚାରୀ ଭୋଳାଶଙ୍କର ବେହେରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ଭୋଳାଶଙ୍କର ମଙ୍ଗଳବାର ପୂର୍ବାହ୍ନରୁ ବାଲିଅନ୍ତା ଅଞ୍ଚଳରୁ ଋଣ ନେଇଥିବା ଲୋକଙ୍କଠାରୁ ୫୦ହଜାର ଟଙ୍କା ଅର୍ଥ ଆଦାୟ କରି ନିଜ ବାଇକ୍ ଯୋଗେ ଫେରୁଥିଲେ। ପୁରୁଣା ଜଗନ୍ନାଥ ସଡ଼କସ୍ଥିତ ହୀରାପୁର ମାନପୋଖରୀ ନିକଟରେ ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ତେବେ ଯୁବକଦ୍ୱୟ ହଠାତ୍ ବନ୍ଧୁକ ବାହାର କରି ଭୋଳାଶଙ୍କରଙ୍କ ମୁଣ୍ଡରେ ଲଗାଇ ବ୍ୟାଗ୍‌ରେ ଥିବା ଟଙ୍କାକୁ ନେଇ ଫେରାର ହୋଇଯାଇଥିଲେ। ପରେ ଭୋଳାଶଙ୍କର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

- ସ୍ୱାମୀ, ଦିଅର, ଶାଶୁଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା
- ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ମହିଳା

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶହୀଦନଗର ଥାନା ଟଙ୍କପାଣି ରୋଡ ନିକଟ ଦୁର୍ଗାପୁରପାଟଣା ଗ୍ରାମରେ ଜଣେ ମହିଳାଙ୍କ ସ୍ୱାମୀ, ଦିଅର ଓ ଶାଶୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଦିଅର ଗୁରୁତର ଅବସ୍ଥାରେ ବର୍ତ୍ତମାନ କଟକ ଏସ୍‌ସିବି ମେଡିକାଲରେ ଏବଂ ତାଙ୍କ ସ୍ୱାମୀ ଓ ଶାଶୁ ଘରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ମହିଳାଜଣକ ଭୟଭୀତ ହୋଇ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ତାଙ୍କ ବାପଘରେ ରହୁଛନ୍ତି। ଏନେଇ ସମ୍ପୃକ୍ତ ମହିଳା ଜୟନ୍ତୀ ଭୋଇ ଗତ ଜୁନ୍ ୨୦ରେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ କେବଳ ଏକ ମାମଲା (ନଂ.୨୪୭/୨୧) ରୁଜୁ କରି ଚୁପ୍ ବସିଛି। ଫଳରେ ଜୟନ୍ତୀ ନ୍ୟାୟ ପାଇଁ ମଙ୍ଗଳବାର ଡିସିପି ଅଫିସକୁ ଆସି ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ଧରି ଅପେକ୍ଷା କରି ମଧ୍ୟ ସେ ଡିସିପିଙ୍କ ଦେଖା ପାଇ ନ ଥିଲେ। ଜୟନ୍ତୀ ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ପ୍ରଦୀପ ଭୋଇ ଜଣେ ଗ୍ରାମ ସେବକ। ତାଙ୍କ ଦିଅର ଦିଲୀପଙ୍କ ସହ ଗ୍ରାମର ଜଣେ ଯୁବକଙ୍କ ଝଗଡା ହୋଇଥିଲା। ଏହାକୁ ଶହୀଦନଗରରେ ଥାନାରେ ଅପୋସ ସମାଧାନ କରାଯାଇଥିଲା। ତେବେ ଜୁନ ୧୯ରେ ଦିଲୀପଙ୍କୁ ଗୋଟିଏ ପରିବାର ସଦସ୍ୟ ମିଶି ଲୁହା ରଡରେ ଆକ୍ରମଣ କରିଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ପ୍ରଦୀପ ଓ ଶାଶୁ ପ୍ରେମ ଭୋଇ ଆକ୍ରମଣର ଶିକାର ହୋଇଥିଲେ।

## ଆଇଫୋନ୍ ଧରି ଚମ୍ପଟ ମାରିଲେ ଯୁବତୀ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

- ସେଲ୍‌ସମ୍ୟାନ୍‌ଙ୍କୁ ଚକ୍‌ମା ଦେଇ ସ୍ୱାଇପ୍ ମେଶିନ୍ ନେଇ ଯାଇଥିଲେ
- ଥାନାରେ ହେଲା ଆପୋସ ବୁଝାମଣା
- ଭୁଲ ସ୍ୱୀକାର କରି ୧.୪୩ ଲକ୍ଷ ଟଙ୍କା ଦେଲେ



ସିସିଟିଭି ଫୁଟେଜ୍‌ରେ କଏଦ ଯୁବତୀ।

ରାଜଧାନୀର ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ଜଣେ ଯୁବତୀ ଆଇଫୋନ୍ କିଣିବା ପରେ ଟଙ୍କା ନ ଦେଇ ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସିସିଟିଭି ଫୁଟେଜକୁ ଆଧାର କରି ଦୋକାନୀ ଜଣକ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତା ଯୁବତୀ ନିଜ ଭୁଲ ସ୍ୱୀକାର କରିବା ସହ ମୋବାଇଲ ଓ ସ୍ୱାଇପ୍ ମେଶିନ ବାବଦକୁ ମୋଟ ୧.୪୩ଲକ୍ଷ ଟଙ୍କା ଦୋକାନୀଙ୍କୁ ଦେଇଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଜଣେ ଯୁବତୀ ଶହୀଦନଗରରେ ଥିବା ଏକ ମୋବାଇଲ ଦୋକାନକୁ ଆସି ଏକ ଆଇଫୋନ୍ ଦେଖେଇବାକୁ ଦୋକାନୀଙ୍କୁ କହିଥିଲେ। ୧ଲକ୍ଷ ୩୯ ହଜାର ଟଙ୍କାର ଏକ ଆଇଫୋନ୍ ଦେଖି ପସନ୍ଦ କରିବା ପରେ ବାପାଙ୍କ ନାଁରେ ବିଲ୍ କାଟିଥିଲେ। ପରେ ଏଟିଏମ୍ କାର୍ଡ ଖରାପ ହୋଇଯିବା କହି ଟଙ୍କା ପାଇଁ ଦୋକାନୀଙ୍କୁ ଘରକୁ ଡାକିଥିଲେ। ଯୁବତୀଙ୍କ ଘର ସେହି ଶହୀଦନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ହୋଇଥିବାରୁ ତାଙ୍କ କଥାରେ ବିଶ୍ୱାସ କରି ଦୋକାନୀ ଜଣଙ୍କ ସେଲ୍ସମ୍ୟାନଙ୍କୁ ପଠାଇଥିଲେ। ଯୁବତୀଙ୍କ ସହ ସ୍କୁଟିରେ ସେଲ୍ସମ୍ୟାନ ସ୍ୱାଇପ୍ ମେଶିନ ନେଇ ଯାଇଥିଲେ। ବାଟରେ ଏକ ପେଟ୍ରୋଲ ପମ୍ପ ନିକଟରେ ଯୁବତୀଜଣକ ସେଲ୍ସମ୍ୟାନଙ୍କୁ ଏକ ବୋତଲ ଦେଇ ତେଲ ଆଣିବାକୁ କହିଥିଲେ। ସେଲ୍ସମ୍ୟାନ ତେଲ ଆଣିବାକୁ ଯାଇଥିବାବେଳେ ଯୁବତୀ ଜଣକ ଫୋନ୍ ଓ ସ୍ୱାଇପ୍ ମେଶିନ ଧରି ଫେରାର ହୋଇଯାଇଥିଲେ। ଏହା ଦେଖି ସେଲ୍ସମ୍ୟାନ ଯୁବତୀଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ସେ ରହୁଥିବା ଆପାର୍ଟମେଣ୍ଟରେ ପହଞ୍ଚିଥିଲେ। ହେଲେ ସେଠାରେ ଯୁବତୀ ଜଣକ କୌଣସି ଫୋନ କିଣି ନାହାନ୍ତି ବୋଲି କହି ସେଲ୍ସମ୍ୟାନଙ୍କୁ ଫେରାଇ ଦେଇଥିଲେ। ପୂରା ଘଟଣା ସମ୍ପର୍କରେ ସେଲ୍ସମ୍ୟାନ ଆସି ଦୋକାନୀଙ୍କୁ କହିଥିଲେ। ଏହା ପରେ ସିସିଟିଭି ଫୁଟେଜ୍‌କୁ ଆଧାର କରି ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ ଦୋକାନୀ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଯୁବତୀଙ୍କୁ ଡକାଇବା ସହ ଟଙ୍କା ଓ ସ୍ୱାଇପ୍ ମେଶିନ୍ ଫେରାଇବାକୁ କହିଥିଲା। ପରେ ଯୁବତୀ ଭୁଲ୍‌ମାଗି ଟଙ୍କା ପଇଠ କରିଥିଲେ।

## ଟିକାକରଣ କେନ୍ଦ୍ରରେ ଉତ୍ତେଜନା

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କଲେଜ ପରିସରରେ ଚାଲିଥିବା କୋଭିଡ୍ ଟିକାକରଣ କେନ୍ଦ୍ରରେ ମଙ୍ଗଳବାର ଉତ୍ତେଜନା ହୋଇଥିଲା। ବହୁ ଲୋକ ଟିକା ନେବାକୁ ଆସିଥିଲେ ମଧ ନେଇ ନ ପାରିବାରୁ ପାଟିତୁଣ୍ଡ କରିଥିଲେ। ଖବରପାଇ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବାଙ୍କୀ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ଶୈଳବାଳା କଲେଜକୁ ହେରିଟେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**କଟକ ଅଫିସ, ୬।୭:** କଟକରେ ୧୯୧୩ରେ ଶୈଳବାଳା ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟ ୧୦୮ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ହେରିଟେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ହୋଇଛି। ଏଠାରେ ୩୩୦୦ ଛାତ୍ରୀ ପାଠ ପଢୁଛନ୍ତି। ମଙ୍ଗଳବାର ରାଜ୍ୟ ସଭା ଏମ୍‌ପି ସୁବାସ ସିଂ ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଏଠାକାର ସାମଗ୍ରିକ ବିକାଶ ସମ୍ପର୍କରେ ସମୀକ୍ଷା କରିଥିଲେ। ନିର୍ମାଣାଧୀନ ଥିବା ୪୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ବିଜ୍ଞାନାଗାର, ୫ ମହଲା ବିଶିଷ୍ଟ କ୍ଲାସରୁମ୍ ବୁଲି ଦେଖିବା ସହ ଏହି କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗକୁ କହିଥିଲେ। ଏହି ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଅଧକ୍ଷ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ଚାରୁବାଳା ପାଣି, ଯୋଗମାୟା ପଣ୍ଡା, ସିପ୍ରା ରାୟ, ଜାମିନି ରଞ୍ଜନ ମହାନ୍ତି , ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ କୃତଜ୍ଞତା ଦିବସ ପାଳିତ

**ଭୁବନେଶ୍ୱର, ୬।୭(ବ୍ୟୁରୋ):** ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ତରଫରୁ ସୋମବାର ଭର୍ଚୁଆଲରେ ବିଶ୍ୱ କୃତଜ୍ଞତା ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି ଭିଜିଲାନ୍ସ ବିଭାଗ ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ଦେବାଶିଷ ପାଣିଗ୍ରାହୀ, ଅବସରପ୍ରାପ୍ତ ଆଇଜି ବଟକୃଷ୍ଣ ତ୍ରିପାଠୀଙ୍କ ସ୍ତ୍ରୀ ନିରଜପ୍ରଭା ତ୍ରିପାଠୀ, ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିତ୍ୟାନନ୍ଦ ନାୟକଙ୍କ ସ୍ତ୍ରୀ ସାବିତ୍ରୀ ଦେବୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦୀନବନ୍ଧୁ ବେହେରା, ବୈଷ୍ଣବ ଚରଣ ବିଶ୍ୱାଳ, ସିରଦେବ ବରିଶା, ପ୍ରମୋଦ କୁମାର ରଣା ଏବଂ କରୋନାରେ ମୃତ୍ୟୁବରଣ କରିଥିବା ସମସ୍ତ ଯୋଦ୍ଧାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସେବା ମହାପାତ୍ର ଯୋଗ ଦେଇ କରୋନା ମହାମାରୀକୁ ହରାଇବା ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ବିଶେଷକରି ସରକାରଙ୍କ କୋଭିଡ୍ ନିୟମ ପାଳନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସମିତିର ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ବିଶ୍ୱ କୃତଜ୍ଞତା ଦିବସ ଅବସରରେ କରୋନା ମହାମାରୀକୁ ପ୍ରତିହତ କରିବାରେ ନିୟୋଜିତ ସମସ୍ତ ସମ୍ମୁଖ ଯୋଦ୍ଧା, ଡାକ୍ତର, ନର୍ସ, ଆଶାକର୍ମୀ, ପୋଲିସ ବାହିନୀ, ଅଗ୍ନିଶମ ବାହିନୀର ସମସ୍ତକର୍ମୀଙ୍କୁ ଗଭୀର କୃତଜ୍ଞତା ପ୍ରଦାନ କରିଥିଲେ। ଭର୍ଚୁଆଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଭ୍ୟ ଅଂଶଗ୍ରହଣ କରି ନିଜନିଜ ଅଞ୍ଚଳରେ କରୋନା ସହ ଲଢ଼ିବାକୁ ସଚେତନତା ସୃଷ୍ଟି କରୁଥିବା ପ୍ରକାଶ କରିଥିଲେ। ଏହି ସଭାକୁ ଦେବପ୍ରସାଦ ମଜୁମ୍‌ଦାର ପରିଚାଳନା କରିଥିଲେ।




ମଙ୍ଗଳବାର ସନ୍ଧ୍ୟାରେ ହୋଇଥିବା ବର୍ଷା ଯୋଗୁ କଟକ ବାଦାମବାଡ଼ି ମୁଖ୍ୟ ରାସ୍ତା ଓ ଶିବବଜାର ରାସ୍ତାରେ ବର୍ଷାପାଣିର ସୁଅ।

# ବର୍ଷାରେ କଟକ ଜଳମଗ୍ନ

**କଟକ ଅଫିସ, ୬।୭**

- ରାସ୍ତାରେ କୃତ୍ରିମ ବନ୍ୟାର ଭ୍ରମ
- ଲୋକଙ୍କ ଘରେ ପଶିଲା ପାଣି

ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ ବର୍ଷାଯୋଗୁ କଟକର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି। ବର୍ଷା ପୂର୍ବରୁ ସହରରେ ନାଳରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏଭଳି ଜଳବନ୍ଦୀ ସ୍ଥିତି ଉପୁଜିଥିଲା। ବିଶେଷକରି ସହରର ମୁଖ୍ୟ ରାସ୍ତାରେ ବର୍ଷାପାଣି ଲହଡି ଭାଙ୍ଗି ବନ୍ୟାର ଭ୍ରମ ସୃଷ୍ଟି କରିଥିବାବେଳେ ସହର ତଳି ଅଞ୍ଚଳର ଥିବା ଲୋକଙ୍କ ଘରେ ପାଣି ପଶିଥିଲା।

ମିଳିଥିବା ସୂଚନା ଅନୁଯାୟୀ, କଟକରେ ସନ୍ଧ୍ୟା ସମୟରେ ପ୍ରାୟ ଦେଢଘଣ୍ଟା ବର୍ଷା ହୋଇଥିଲା।



ସାମନ୍ତ ସାହି କେନାଲ ରୋଡ୍‌ରେ ଜମି ରହିଥିବା ବର୍ଷା ପାଣି।

ଏଥିଯୋଗୁ ବାଦାମବାଡି, ରାଣୀହାଟ, ଖାନ୍‌ନଗର, ଦୋଳମୁଣ୍ଡାଇ ଅଞ୍ଚଳ ମଙ୍ଗଳାବାଗ,କଲେଜଛକ, ଲିଙ୍କ୍‌ରୋଡ, ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ସେହିପରି ସହର ତଳି ଅଞ୍ଚଳ ସୂତାହାଟ, ବକ୍ସିବଜାର ପେନ୍‌ସନ୍ ଲେନ୍, ପଟାପୋଲ, ଓଡିଆ ବଜାର, ଗଙ୍ଗାମନ୍ଦିର, କାଜିବଜାର, ମହିଦାସ ବଜାର, କାଠଗଡା ସାହି ରାସ୍ତା ବୁଡି ଯାଇଥିବାବେଳେ ଅନେକ ଲୋକଙ୍କ ଘରେ ପାଣିପଶି ଜିନିଷପତ୍ର ଭାସୁଥିବା ଦେଖିବାକୁ ମିଳିଥିଲା। କିଛି ଘଣ୍ଟା ପାଇଁ ଲୋକମାନେ ଘର ଭିତରେ ଜଳବନ୍ଦୀ ଅବସ୍ଥାରେ ରହିବାକୁ ବାଧ୍ୟ ହୋଇଥିଲେ। ବର୍ଷା ପୂର୍ବରୁ ଲୋକମାନେ ଯେଉଁଠାରେ ଗାଡ଼ି ରଖିଥିଲେ, ବର୍ଷା ଛାଡିବା ପରେ ତାହା ଅଧା ବୁଡି ଯାଇଥିଲା। ତେବେ ସହରରେ ଏଭଳି ପରିସ୍ଥିତି ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଠିକ୍ ଭାବେ ସିଏମ୍‌ସି ପକ୍ଷରୁ ନାଳନର୍ଦ୍ଦମାରୁ ପଙ୍କ ଉଦ୍ଧାର କରାଯାଇ ନଥିବାରୁ ମଙ୍ଗଳବାର ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଜାଣିବା ପାଇଁ ସିଏମ୍‌ସିର ନିର୍ବାହୀଯନ୍ତ୍ରୀ-୨ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ପଞ୍ଚାୟତ ଅର୍ଥ ତୋସରପାତ ମାମଲା

## ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**କଟକ ସଦର, ୬।୭ (ଡି.ଏନ.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳି ପଞ୍ଚାୟତ ଅର୍ଥ ତୋସରପାତ ଘଟଣାର ତଦନ୍ତ କରାଯାଇଥିଲା। କଟକ ସଦର ଉପଜିଲାପାଳଙ୍କ ରିପୋର୍ଟ ଅନୁଯାୟୀ ଉକ୍ତ ବ୍ଲକର ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାଜପା ପକ୍ଷରୁ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଦାବିପତ୍ର ଦିଆଯାଇଥିଲା। ପୁନଃ ତଦନ୍ତ ଆଳରେ ମାମଲାକୁ ଚପାଇ ନ ଦେବା ପାଇଁ ଭାଜପା ନେତା ଅଭୟ ସ୍ୱାଇଁ, ଗୋକୁଳଚନ୍ଦ୍ର ପ୍ରଧାନ, ନିର୍ମଳ ଦାସ, ବିଶ୍ୱନାଥ ବସ୍ତିଆ, ସବିତାରାଣୀ ଦାଶ ପ୍ରମୁଖ ବିଡିଓଙ୍କ ନିକଟରେ ଦାବି କରିଥିଲେ। ଗତ ୩୦ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସମ୍ପର୍କୀୟ ରିପୋର୍ଟ ଉପଜିଲାପାଳଙ୍କୁ ଦେବା ପାଇଁ ସମୟସୀମା ଥିଲା। ହେଲେ ଆଜିପର୍ଯ୍ୟନ୍ତ କୌଣସି ରିପୋର୍ଟ ଉପଜିଲାପାଳଙ୍କୁ ଦିଆଯାଇ ନ ଥିବା ଜଣାପଡ଼ିବା ପରେ ଭାଜପା କର୍ମୀ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ୨୦୨୦-୨୧ ଆର୍ଥିକବର୍ଷରେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀଠାରୁ ୬୦ ହଜାର ଟଙ୍କା ଟିକସ ବାବଦକୁ ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ମାତ୍ର ୬ ହଜାର ଟଙ୍କା ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଥିଲା। ଏହି ଘଟଣାର ତଦନ୍ତ ଶେଷ ହୋଇଛି। ଅଧିକ ତଥ୍ୟ ଜାଣିବା ପାଇଁ ଉପଜିଲାପାଳଙ୍କୁ ପତ୍ର ଲେଖାଯାଇଛି ବୋଲି ବିଡିଓ ରାଜୀବଲୋଚନ ପରିଡ଼ା କହିଛନ୍ତି। ଏହି ପ୍ରତିନିଧି ଦଳରେ ହୃଷୀକେଶ ଜେନା, ଜୟନ୍ତୀ ସାହୁ ଓ କୈଳାସ ଚନ୍ଦ୍ର ବସ୍ତିଆ ସାମିଲ ଥିଲେ।

# ଖୁଚୁରା ବିକ୍ରେତାଙ୍କୁ କମିଶନ ଦିଆଯାଉ

**କଟକ ଅଫିସ, ୬।୭**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଖୁଚୁରା ବିକ୍ରେତାଙ୍କୁ ସାମଗ୍ରୀ ବଣ୍ଟନ ବାବଦ କମିଶନ ପ୍ରଦାନ କରିବାକୁ କଟକ ଜିଲା ରିଟେଲ୍ ଡିଲର୍ସ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କୁ ଦିଆଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଜିଲାରେ ୭୮୨ ଜଣ ଖୁଚୁରା ବିକ୍ରେତା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଣ ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ପଡ଼ି କାର୍ଡଧାରୀଙ୍କୁ ଦେଉଛନ୍ତି। ବନ୍ୟା, ବାତ୍ୟାଠାରୁ ଆରମ୍ଭ କରି କରୋନା ମହାମାରୀ ସମୟରେ ମଧ ଜୀବନକୁ ବିପଦକୁ ଠେଲି କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କ ସ୍ୱାର୍ଥ ପ୍ରତି ଯୋଗାଣ ବିଭାଗ ଦୃଷ୍ଟି ଦେଉନାହିଁ। ଏପରିକି ସେମାନଙ୍କୁ ଅଦ୍ୟାବଧି କରୋନା ଯୋଦ୍ଧା ମାନ୍ୟତା ମଧ ଦିଆଯାଇନାହିଁ। ବର୍ତ୍ତମାନ ଖୁଚୁରା ବିକ୍ରେତାମାନେ ଆର୍ଥିକ ଅନଟନ ମଧରେ କାଳାତିପାତ କରୁଛନ୍ତି। ଏଣୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ସାମଗ୍ରୀ ବଣ୍ଟନ ବାବଦ କମିଶନ, ପଏଣ୍ଟ ଅଫ ସେଲ(ପିଓଏସ୍) ମେଶିନ ବାବଦ ବକେୟା ପ୍ରଦାନ ଓ ଆଗଧାଡିର କରୋନା ଯୋଦ୍ଧା ମାନ୍ୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସେମାନଙ୍କୁ ୨୫ ଲକ୍ଷ ଟଙ୍କାର ବୀମା, ସେମାନଙ୍କ ପରିବାର, ସହାୟିକାସହାୟକଙ୍କୁ ଟିକାକରଣ ବ୍ୟବସ୍ଥା ପାଇଁ ଦାବି ହୋଇଛି। ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ, ପ୍ରଦୀପ କୁମାର ଦାସ, ରାଜକିଶୋର ସାହୁ ପ୍ରମୁଖ ଜିଲାପାଳଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଟକ ଜିଲା ରିଟେଲ୍ ଡିଲର୍ସ ଆସୋସିଏଶନର ସଦସ୍ୟମାନେ।

## କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୬।୭**

ପୁରୀଘାଟସ୍ଥିତ ନଗର କଂଗ୍ରେସ କମିଟି କାର୍ଯ୍ୟାଳୟରେ ଦଳର ନେତାମାନଙ୍କ ବିୟୋଗରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କଂଗ୍ରେସର ପୂର୍ବତନ କାଉନସିଲର ରବୀନ୍ଦ୍ର କୁମାର ପଟ୍ଟନାୟକ, ସନାତନ ପୃଷ୍ଟି ଓ କାଲେ ଖାନ୍‌ଙ୍କ ଫଟୋ ଚିତ୍ରରେ ଦଳର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

## ଡ୍ରେସ୍ ଶୋ'ରୁମ୍ ଉଦ୍‌ଘାଟିତ

**ଟିଗିରିଆ, ୬।୭ (ଡି. ଏନ୍. ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଚଣ୍ଡୀ ବଜାରରେ ଡ୍ରେସ୍ ଶୋ' ରୁମ୍ ଜୋୟା ଫେଶନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଏସ୍.ଏସ୍ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଉମେଶ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ବିଭିନ୍ନ ବ୍ରାଣ୍ଡର ଡ୍ରେସ ମିଳିବ ବୋଲି ଶୋ' ରୁମ ମାଲିକ ଜିତେନ୍ଦ୍ର କରନ୍ କହିଛନ୍ତି।

## ରେଡ୍‌କ୍ରସ ଦେଲା ୭୫ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର




**ଭୁବନେଶ୍ୱର, ୬।୭ (ବ୍ୟୁରୋ)**

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ୭୫ଟି ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରଦାନ କରାଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଭାରତୀୟ ରେଡ୍‌କ୍ରସ୍, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସିଟିଏମ୍. ସୁଗୁଣା, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଉପସ୍ଥିତ ଥିଲେ। ଏହା ବିଭିନ୍ନ ସ୍ତରରେ ଲୋକଙ୍କୁ ଉପକୃତ କରିବ ବୋଲି ସୁଗୁଣା କହିଛନ୍ତି।

## ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ

**ଚୌଦ୍ୱାର,୬।୭(ଡି.ଏନ୍.ଏ.):** ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ନୂଆସାହିସ୍ଥିତ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ ହୋତା,ପ୍ରକାଶ ଚନ୍ଦ୍ର ବଡଜେନା, ହଂସଚରଣ ସାହୁ, ଇଂ. ଭାଗୀରଥି ସାହୁ, କମଳ ସ୍ୱାଇଁ, ପଦ୍ମଚରଣ ବେହେରା, ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଆଠଗଡ଼ରେ ଦ୍ୱିତୀୟ ଟିକାକରଣ କେନ୍ଦ୍ର ଖୋଲିଲା

**ଆଠଗଡ଼,୬।୭ (ସ୍ୱ.ପ୍ର.)**

ଆଠଗଡ଼ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଦ୍ୱିତୀୟ ଟିକାକରଣ କେନ୍ଦ୍ର ଖୋଲିଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୮୦ ଜଣଙ୍କୁ ଟିକା ଦିଆଯାଇଛି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ପୂର୍ବତନ ଜିଲାପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ଯୁବନେତା ପ୍ରକାଶ କୁମାର ରାଉତ, ଶିଶିର ପ୍ରସାଦ ମାନସିଂହ. ପ୍ରଦୀପ୍ତ କୁମାର ଦାସ ଓ ରାକେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ସ୍ଥିତି ସମୀକ୍ଷା କଲେ ଉପଜିଲାପାଳ

**ବାଙ୍କୀ,୬।୭(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ଉପଜିଲାପାଳ ରଞ୍ଜନ କୁମାର ଜେନା କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ବାଙ୍କୀ ଏନ୍‌ଏସିକୁ କିପରି କରୋନା ମୁକ୍ତ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ଆୟୋଜିତ ବୈଠକରେ ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ବାଙ୍କୀର ୧୭ଟି ୱାର୍ଡରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ବୋଲି କହିଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ହୋଇଥିବା ଟିକାକରଣ କେନ୍ଦ୍ରରେ ଟିକା ପାଇଁ ଅଧିକାଂଶ ସମୟରେ ଉତ୍ତେଜନା ହେଉଛି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ଅଧିକ ସ୍ୱାବ ସଂଗ୍ରହ ପାଇଁ ଜେନା ପରାମର୍ଶ ଦେଇଥିଲେ। ଗୃହ ସଙ୍ଗରୋଧରେ ଥିବା କରୋନା ଆକ୍ରାନ୍ତମାନଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରିବା ପାଇଁ ଗୁରୁତ୍ୱାରୋପ ହୋଇଥିଲା। ଗୃହ ସଙ୍ଗରୋଧରେ ଥିବା ଆକ୍ରାନ୍ତମାନଙ୍କ ମୃତ୍ୟୁହାର କମାଇବା ପାଇଁ, ଆଶା, ଅଙ୍ଗନୱାଡି କର୍ମୀ ଓ ଡାକ୍ତରମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ଉପଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଭୁ କଲ୍ୟାଣ ଦାସ, ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ସିଡିପିଓ ନିର୍ମଳା ପଣ୍ଡାଙ୍କ ସମେତ ଅଙ୍ଗନୱାଡି ଓ ଆଶାକର୍ମୀ ଉପସ୍ଥିତ ଥିଲେ।

# ବୃଦ୍ଧା ବେଶରେ ଆସି ପ୍ରସାଦ ଖାଇବାକୁ ଦେଇଥିଲେ

**କଟକ ଅଫିସ, ୬।୭**

### ଝାଞ୍ଜିରିମଙ୍ଗଳା ମନ୍ଦିର



ହଜାରେ ବର୍ଷର ସହର କଟକ। ଏଠାରେ ଅନେକ ଐତିହ୍ୟ ସମ୍ପନ୍ନ ପୁରାତନ ମନ୍ଦିର। ସେଥିମଧରୁ ଝାଞ୍ଜିରିମଙ୍ଗଳା ମନ୍ଦିର ଅନ୍ୟତମ। ଏଠାରେ ମା'ଙ୍କ ସହିତ ଅନେକ ଦେବଦେବୀ ପୂଜା ପାଆନ୍ତି। ମା'ଙ୍କ କରୁଣା ରହିଥିବାରୁ ଦୂରଦୂରାନ୍ତରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି। ଲୋକକଥା ଅନୁଯାୟୀ, ତ୍ରୟୋଦଶ ଖ୍ରୀଷ୍ଟାବ୍ଦରେ ରାଜସ୍ଥାନରୁ ଜଣେ ବାବାଜୀ ଆସି କଟକର ଏକ କୋଚିଲା ଓ ତେନ୍ତୁଳିଗଛ ମୂଳରେ ମା'ଙ୍କ ମୂର୍ତ୍ତି ପୂଜା କରୁଥିଲେ। ସେହି ସ୍ଥାନର କିଛିଦୂରରେ କୁଷ୍ଠ ରୋଗରେ ପୀଡିତ ଜଣେ ମହିଳା ବାସ କରୁଥିଲେ। ବୈଶାଖ ମାସର ଝାଞ୍ଜିଖରା ପବନରେ ମା' ବୃଦ୍ଧା ବେଶରେ ଆସି ତାଙ୍କୁ ପ୍ରସାଦ ଖାଇବାକୁ ଦେଇଥିଲେ। ଏହାପରେ ମହିଳାଙ୍କର କୁଷ୍ଠରୋଗ ଭଲ ହୋଇଥିଲା। ବୈଶାଖର ଝାଞ୍ଜିଖରାରେ ମା'ଙ୍କର ଏପରି ଚମତ୍କାରିତା ଯୋଗୁ ତାଙ୍କ ନାମ ଝାଞ୍ଜିରିମଙ୍ଗଳା ହୋଇଥିଲା। ସେବେଠାରୁ ମା' ଏହି ନାମରେ ପୂଜା ପାଇଆସୁଛନ୍ତି।

୧୯୦୯ରେ ମା'ଙ୍କର ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେଠାରେ ଝାଞ୍ଜିରିମଙ୍ଗଳାଙ୍କ ସମେତ ପାର୍ଶ୍ୱଦେବଦେବୀ ଭାବେ ହନୁମାନ, ସୂର୍ଯ୍ୟନାରାୟଣ, କାଳୀ, ସନ୍ତୋଷୀ, ବଗଳାମୁଖୀ, ଗଣପତି, ସରସ୍ୱତୀ ଓ ମହାଲକ୍ଷ୍ମୀ ପୂଜା ପାଉଛନ୍ତି। ମା'ଙ୍କ ପୂଜାରେ ୩ ଜଣ ପୂଜକ ନିୟୋଜିତ ହୋଇଛନ୍ତି। ଦଶହରା, ନବରାତ୍ର ଓ ପଣା ସଂକ୍ରାନ୍ତି ମା'ଙ୍କର ମୁଖ୍ୟ ପର୍ବ। ଦଶହରା ସମୟରେ ମା'ଙ୍କର ୧୬ ପ୍ରକାରର ବେଶ ହୋଇଥାଏ। ସେଥିମଧ୍ୟରୁ ରାଜରାଜେଶ୍ୱରୀ, ରୁଦ୍ରାଣୀ, ବୈଷ୍ଣବୀ, କମଳା, ମହିଷମର୍ଦ୍ଦିନୀ ଓ ଜୟଦୁର୍ଗା ବେଶ ଅନ୍ୟତମ। ମାଘମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଝାଞ୍ଜିରିମଙ୍ଗଳାଙ୍କ ପ୍ରତିଷ୍ଠା ଦିବସ ପାଳିତ ହୋଇଥାଏ। ମହାଳୟାଠାରୁ ଚାରିଦିନ ପର୍ଯ୍ୟନ୍ତ ମା' ସାହି ପରିକ୍ରମା କରି ଭୋଗ ଖାଇବାକୁ ବାହାରକୁ ଆସନ୍ତି। ତାହାକୁ ଶାକ୍ତ ଗୁଣ୍ଡିଚା ବୋଲି କୁହାଯାଏ। ଏବେ ମନ୍ଦିର ପରିଚାଳନା ଦାୟିତ୍ୱରେ ୧୧ ଜଣିଆ କମିଟି ମେମ୍ବର ଅଛନ୍ତି।

## ଏମାନେ କ'ଣ କୁହନ୍ତି...

### ଭକ୍ତଙ୍କ ପ୍ରତି କରୁଣା ରହିଛି



ମା'ଙ୍କର ଭକ୍ତଙ୍କ ପ୍ରତି ଅନେକ କରୁଣା ରହିଛି। ଏଠି ଯିଏ ଯାହା ମନାସିଛି ମା' ତାଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି। ମାଆଙ୍କ ନାମରେ ଆମ ସାହିର ନାମ ଝାଞ୍ଜିରିମଙ୍ଗଳା ସାହି ହୋଇଛି।

**-ପଣ୍ଡିତ ଲଲାଟେନ୍ଦୁ ରାଉତରାଏ, ବାସ୍ତୁଶିଳ୍ପୀ**

### ମନସ୍କାମନା ପୂରଣ କରନ୍ତି



ଝାଞ୍ଜିରିମଙ୍ଗଳା ଭକ୍ତଙ୍କ ଅନ୍ତରର ଦୁଃଖକୁ ବୁଝିପାରି ବିପଦ ସମୟରେ ସାହା ହୁଅନ୍ତି। ସେ ସମସ୍ତଙ୍କର ମନସ୍କାମନା ପୂରଣ କରିଥାନ୍ତି।

**-ଜୟଶ୍ରୀ ମହାନ୍ତି, ସ୍ଥାନୀୟ ବାସିନ୍ଦା**

### ମା'ଙ୍କ ଆଶୀର୍ବାଦରୁ କଳାକାରଙ୍କ ଉନ୍ନତି ହୋଇଛି



ଝାଞ୍ଜିରିମଙ୍ଗଳା ସାହିରେ ଅନେକ କଳାକାର ରହୁଛନ୍ତି। ମା'ଙ୍କ ଆଶୀର୍ବାଦରୁ ଅନେକ କଳାକାରଙ୍କ ଉନ୍ନତି ହୋଇଛି। ସେଥିପାଇଁ ବହୁ ଦୂରରୁ କଳାକାରମାନେ ମା'ଙ୍କ ପାଖକୁ ଆସିଥାନ୍ତି। ମା' ମଧ ସେମାନଙ୍କ ଗୁହାରି ଶୁଣିଥାନ୍ତି।

**-ଅଶୋକ କୁମାର ଓଝା, ଅଭିନେତା**

### ଦାନ ଅର୍ଥରେ ନୀତିକାନ୍ତି ହୁଏ



ମନ୍ଦିରର କିଛି ଜମି ନ ଥିବାରୁ ଦେବୋତ୍ତର ବିଭାଗ ନିଜ ହାତକୁ ନେଇନାହିଁ। ମା'ଙ୍କ ହୁଣ୍ଡିରେ ପକାଯାଉଥିବା ଦାନଅର୍ଥ ଓ ଯିଏ ଯାହା ମନ୍ଦିରକୁ ସ୍ୱଇଚ୍ଛାରେ ଦାନ କରନ୍ତି, ସେଥିରେ ମନ୍ଦିରର ନୀତିକାନ୍ତି ସହ ଅନ୍ୟାନ୍ୟ କାର୍ଯ୍ୟ ହୋଇଥାଏ। ଆମ କମିଟିରେ ଯେଉଁ ୧୧ ଜଣ କର୍ମକର୍ତ୍ତା ଅଛନ୍ତି ସେମାନଙ୍କର ମଧ ଅନେକ ସହଯୋଗ ରହିଛି।

**-ପ୍ରଫୁଲ୍ଲ ଚନ୍ଦ୍ର ରାଜ, ସେକ୍ରେଟାରୀ, ଝାଞ୍ଜିରିମଙ୍ଗଳା ପୂଜା କମିଟି**

**୭ ଦଫା ଦାବିପତ୍ର ପ୍ରଦାନ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ମ୍ୟୁନିସିପାଲିଟି ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ଶୁଭେଚ୍ଛା ଜଣାଇବା ସହ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍ଏସିପି ଓ ଆରଏସିପି କାର୍ଯ୍ୟ ତ୍ୱରାନ୍ୱିତ, ପ୍ରତିବର୍ଷ ଶିକ୍ଷକଙ୍କୁ ପଦୋନ୍ନତି, ସବୁବର୍ଗର ଶିକ୍ଷକଙ୍କୁ ଜିଆଇଏସ ପାସବୁକ୍ ପ୍ରଦାନ, ଚତୁର୍ଥ ବର୍ଗରୁ ତୃତୀୟ ବର୍ଗକୁ ପଦୋନ୍ନତି ନେଇଥିବା ପ୍ରଧାନଶିକ୍ଷକଙ୍କର ବେତନ ପୁନଃନିର୍ଦ୍ଧାରଣ, ପ୍ରତି ମାସ ଦରମାର ପେ ସ୍ଲିପ ପ୍ରଦାନ ଆଦି ଦାବି କରିଛନ୍ତି। ଦାବି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି। ସଂଘ ଉପଦେଷ୍ଟା ବିଭୁ ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ସମ୍ପାଦକ ଅଗାଧୁ ସେଠୀ, ସଭାପତି ନମିତା ରାଣୀ ରାୟସାମନ୍ତ, ପ୍ରମୋଦିନୀ ଦେଈ, ସରୋଜିନୀ ସୁନ୍ଦରାୟ, ଦେବାଶିଷ ସେଠୀ, ବାସନ୍ତୀ ସାହୁ, କ୍ଷଣପ୍ରଭା ସାହୁ ସାମିଲ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୬।୭:** ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଭାଲିଆବାଡ଼ିରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ନଥିପୁରର ରାକେଶ ପ୍ରଧାନ(୩୨)। ସୂଚନା ମୁତାବକ, ରାକେଶ ଭାଲିଆବାଡ଼ିରେ ଭଡାରେ ରହି ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ମଙ୍ଗଳବାର ସେ ରହୁଥିବା ଘରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୮/୨୧)ରୁଜୁକରି ତଦନ୍ତ ଚଳାଇଛି।

### ୬୭ ପଜିଟିଭ୍, ୭୮ ସୁସ୍ଥ

**ଖୋର୍ଦ୍ଧା ଅଫିସ,୬।୭:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ୬୭ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୭୮ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ୪, ବାଲିପାଟଣା ୪, ଭୁବନେଶ୍ୱର (ବ୍ଲକ)୧୩, ଜଟଣୀ ୭, ଖୋର୍ଦ୍ଧା ୧୪, ବେଗୁନିଆ ୫, ବୋଲଗଡ଼ ୬, ଟାଙ୍ଗୀ ୧୦, ଚିଲିକା ୨ ଏବଂ ବାଣପୁରର ୨ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୪,୨୫,୭୬୪ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୬,୮୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୬,୧୬୧ଜଣ ସୁସ୍ଥ ହୋଇଛନ୍ତି। ୧୩୦ଜଣଙ୍କ ମୃତ୍ୟୁ ଘଟିଛି। ୫୫୨ସକ୍ରିୟ ସଂକ୍ରମିତ ରହିଛନ୍ତି।

### ନାବାଳିକା ଅପହରଣ ମାମଲା: ଜଣେ ଗିରଫ

**ଝାଁଳା,୬।୭(ଡି.ଏନ୍.ଏ.):** ନାବାଳିକା ଅପହରଣ ମାମଲାରେ ମଙ୍ଗଳବାର ଝାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରାଏପୁର ଅଞ୍ଚଳର ଶିବ ସାହୁ(୨୦)। ସୂଚନା ମୁତାବକ, ନାବାଳିକା ଜଣକ ପରିବାର ସହ ଝାଁଳା ଅଞ୍ଚଳରେ ରୁହନ୍ତି। ଡୁମୁଡୁମାରେ ରହିଥିବା ମାମୁଘରକୁ ନାବାଳିକା ଜଣକ ବେଳେ ବେଳେ ଯାଇଥାନ୍ତି। ଶିବ ଡୁମୁଡୁମା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ବେଳେ ନାବାଳିକାଙ୍କ ସହ ସମ୍ପର୍କ ହୋଇଥିଲା। ଗତ ୧୫ତାରିଖରେ ନାବାଳିକାଙ୍କୁ ଶିବ କେଉଁଆଡେ ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ୧୬ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଶିବଙ୍କ ଫୋନ୍‌କୁ ଟ୍ରାକ କରି ତାଙ୍କୁ ଧରିଥିଲା। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଆଜି ୨୮କେନ୍ଦ୍ରରେ ୪୪୬୦ ଟିକା

**ଖୋର୍ଦ୍ଧା ଅଫିସ,୬।୭:** କୋଭିଡ୍ ନିୟନ୍ତ୍ରଣ ଲାଗି ଟେଷ୍ଟିଂ ଏବଂ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ବୁଧବାର ଖୋର୍ଦ୍ଧା ସବ୍‌ଡିଭିଜନର ୪୫ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ୧୮ରୁ ୪୪ ଯୁବବର୍ଗଙ୍କୁ ୨୮ଟି କେନ୍ଦ୍ରରେ ୪୪୬୦ ଜଣଙ୍କୁ ଟିକା ଦିଆଯିବ। ୧୬ଟି କେନ୍ଦ୍ରରେ ନମୁନା ସଂଗ୍ରହ କରାଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ସବ୍‌ଡିଭିଜନରେ ମଙ୍ଗଳବାର ୨୧ଜଣ ଆକ୍ରାନ୍ତ ହୋଇଥିବା ବେଳେ ୬୮ଜଣ ସୁସ୍ଥ ହୋଇଛନ୍ତି। ଏହି ସବ୍‌ଡିଭିଜନରେ ମୋଟ୍ ୨,୭୩,୨୯୫ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୬,୩୭୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୫,୯୮୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୫ଜଣଙ୍କ ମୃତ୍ୟୁ ଘଟିଛି। ୩୩୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୨୫୩ ଘରୋଇ ସଙ୍ଗରୋଧ ଏବଂ ୭୫ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### ୫୧ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୬।୭:** ବେଗୁନିଆ ନିର୍ବାଚନମଣ୍ଡଳୀ ପକ୍ଷରୁ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ବାଘମାରୀ ପଞ୍ଚାୟତର ହଟକେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଚାରାରୋପଣ ସହ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ମହାନ୍ତି, ଦୀପ୍ତିରଞ୍ଜନ ସାହୁ, ଜାନକୀ ସ୍ୱାଇଁ, ମାନସ ବିଶ୍ୱାଳ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ହଟୁନି ଆବର୍ଜନା, ଡେଙ୍ଗୁ ଆଶଙ୍କା

**ବେଗୁନିଆ,୬।୭(ଡି.ଏନ୍.ଏ.)**

**ବେଗୁନିଆ ବ୍ଲକ**
- ୩ ବର୍ଷରେ ୧୮୯ ଜଣ ଡେଙ୍ଗୁରେ ଆକ୍ରାନ୍ତ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଡ଼ିରହିଥିବା ଅଳିଆ ଆବର୍ଜନା ଯୋଗୁ ବର୍ଷା ଆରମ୍ଭରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ଡେଙ୍ଗୁ ରୋଗର ଆଶଙ୍କା ରହିଛି। ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ(ଡିଡିଏମ୍) ରୋଗରେ ଅଧିକାଂଶ ଲୋକ ରୋଗାକ୍ରାନ୍ତ ହୋଇଥାନ୍ତି। ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଇନାହିଁ। ଏଥିସହ ଗ୍ରାମାଞ୍ଚଳରେ ରହିଥିବା କୂଅରେ ବ୍ଲିଚିଂ ଓ ଆବର୍ଜନା ସ୍ଥାନରେ ଡିଡିଟି ସିଞ୍ଚନ କରାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନାଥାଉ କି ବେଗୁନିଆ ସଦର ମହକୁମାସ୍ଥିତ ବ୍ଲକ, ତହସିଲ, ଥାନା କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଘାସ ଓ ଅଳିଆ ଗଦା ହୋଇ ରହିଛି। ସେହିପରି ବେଗୁନିଆ, ଡାଳତୋଳା, ବାଘମାରୀ ବଜାରରେ ରହିଥିବା ଜଳଖିଆ, ଫାଷ୍ଟଫୁଡ, ଉଠାଦୋକାନ କଡ଼ରେ ଅଳିଆ ଆବର୍ଜନା ଜମାହୋଇ ରହିଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆବର୍ଜନା ଗଦା ହୋଇ ରହିଛି। ତେବେ ବିଭିନ୍ନ ବଜାର ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡମ୍ପିଂୟାର୍ଡର ବ୍ୟବସ୍ଥା ନ ଥିବାରୁ ବର୍ଷାରେ ଏହା ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଗାଁ ପରିମଳ ସଫେଇ ନ ହୋଇ ଆବର୍ଜନା ଜମି ରହିଥିବା ପାଣିରୁ ମଶା ବଂଶ ବୃଦ୍ଧି ପାଇଲାଣି। ବ୍ଲକ ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା କମିଟି କରାଯାଉ ନ ଥିବା ବେଳେ ଗାଁ କଲ୍ୟାଣ କମିଟି ସ୍ଥାଣୁ ପାଲଟିଛି। ତୁରନ୍ତ ସଚେତନତା ଓ ପ୍ରତିକାର ପ୍ରତି ଯଦି ଗୁରୁତ୍ୱ ଦିଆନଯାଏ, ଆଗକୁ ଲୋକେ ଅନେକ ରୋଗର ଶିକାର ହେବେ ବୋଲି ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ସୋମନାଥ ସାହୁ ପ୍ରମୁଖ କହିଛନ୍ତି। ଅନ୍ୟପଟେ ଏହି ବ୍ଲକ ଅଞ୍ଚଳରେ ୨୦୧୮ରେ ୧୨୧ ଜଣ, ୨୦୧୯ରେ ୪୫ ଜଣ ଏବଂ ୨୦୨୦ରେ ୨୩ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, କରୋନା ସଂକ୍ରମଣ ରୋକିବା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି। ବର୍ଷା ଋତୁରେ ହେଉଥିବା ବିଭିନ୍ନ ରୋଗରୁ ଲୋକେ କିଭଳି ଉପଚାର ପାଇପାରିବେ ଅଙ୍ଗନୱାଡି ଓ ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସେଥିପ୍ରତି ସଚେତନ କରିବା ସହ ଦୃଷ୍ଟି ଦେବାକୁ କୁହାଯାଇଛି। ଏନେଇ ଖୁବ୍‌ଶୀଘ୍ର ଏକ ବୈଠକ କରାଯିବ ବୋଲି ସେ କହିଛନ୍ତି।


ରାସ୍ତା ପାର୍ଶ୍ୱରେ ଜମା ହୋଇଥିବା ଅଳିଆ ଆବର୍ଜନା।


**ପୁରୀ:** ରଥରେ ଲାଗୁଥିବା ଅଳଙ୍କାରକୁ ମଙ୍ଗଳବାର ପିତ୍ତଳ ସେବକମାନେ ସଫା କରୁଛନ୍ତି।

### ହାତୀ ଆକ୍ରମଣରେ ଜଣେ ଗୁରୁତର

**ନିରାକାରପୁର,୬।୭(ଡି.ଏନ୍.ଏ.)**

ଟାଙ୍ଗୀ ବନାଞ୍ଚଳ ଭୂଷଣ୍ଡପୁର ଫରେଷ୍ଟର ଅଧୀନ ବଡ଼ପୋଖରିଆ ପଞ୍ଚାୟତ ଦୋଳପଡ଼ିଆ ନିକଟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ସୁନ୍ଦରପୁର ଗ୍ରାମର ପ୍ରତାପ କୁମାର ପରିଡା(୩୬)। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରତାପ ବନ୍ଧୁଘରକୁ ଆସିଥିବା ବେଳେ ସୋମବାର ରାତିରେ କୌଣସି କାରଣରୁ ଘର ବାହାରକୁ ଆସିଥିଲେ। ହଠାତ୍ ଏକ ଜଙ୍ଗଲୀ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଆହତ ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଡିଏଚ୍‌ଏଚ୍‌ରେ ସିଟି ସ୍କାନ୍ ବ୍ୟବସ୍ଥା କରାଯାଉ

**ଖୋର୍ଦ୍ଧା ଅଫିସ,୬।୭**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଭିତ୍ତିଭୂମି, ଡାକ୍ତର, କର୍ମଚାରୀଙ୍କ ଅଭାବରୁ ରୋଗୀ ସେବାରେ ବ୍ୟାହତ ସୃଷ୍ଟି ହେଉଛି। ଏହି ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ଚିଲିକା, ବେଗୁନିଆ, ବୋଲଗଡ଼, ନୟାଗଡ଼ ଏବଂ ପୁରୀ ଜିଲା ନିକଟବର୍ତ୍ତୀ ଗ୍ରାମାଞ୍ଚଳର ରୋଗୀ ନିର୍ଭର କରୁଛନ୍ତି। ଅତ୍ୟାଧୁନିକ ଯନ୍ତ୍ରପାତି ଅଭାବରୁ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଉପଲବ୍ଧ ହୋଇପାରୁନାହିଁ। ଅଧିକାଂଶ ରୋଗୀଙ୍କୁ ଭୁବନେଶ୍ୱର, କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଉଛି। ଏଠାରେ ସିଟି ସ୍କାନର ବ୍ୟବସ୍ଥା ନାହିଁ। ଫଳରେ ରୋଗୀ ଘରୋଇ କ୍ଲିନିକରେ ଚିକିତ୍ସା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଚିକିତ୍ସାଳୟରେ ସିଟି ସ୍କାନ ମେଶିନ ବ୍ୟବସ୍ଥା ଲାଗି ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ବସନ୍ତ କୁମାର ଦାଶ, ମଧୁସୂଦନ ଦାସ, ମୀନକେତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ରାଜ୍ୟ ସରକାର ବରଗଡ଼, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ଗଜପତି, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କନ୍ଧମାଳ ଆଦି ୧୮ଟି ଜିଲା ମେଡିକାଲରେ ସିଟି ସ୍କାନ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ନାଁ ନ ଥିବାରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

### ଅପହରଣ କରି ଲୁଟ୍ ଘଟଣାରେ ୩ ଗିରଫ

**ଜଟଣୀ,୬।୭(ଡି.ଏନ୍.ଏ.)**

ଜଣେ ଦିବ୍ୟାଙ୍ଗଙ୍କୁ ଅପହରଣ କରି ଲୁଟ୍ ଘଟଣାରେ ଜଟଣୀ ପୋଲିସ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ତିରିମଲ ଗ୍ରାମର ଶଶିକାନ୍ତ ବଡଜେନା, କଟକ ଜିଲା ସାଲେପୁର ଅଞ୍ଚଳର ଶିଶିର ନାଥ ଏବଂ ଛତିଶଗଡ଼ର ଦୀପକ ବେହେରା। ଏମାନଙ୍କ ନିକଟରୁ ୧୦୦୦ଟଙ୍କା, ମୋବାଇଲ ଫୋନ ଓ ଜରୁରୀ କାଗଜପତ୍ର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୧୬/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୨ତାରିଖରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କେତେଜଣ ଦୁର୍ବୃତ୍ତ ଜଟଣୀ ରେଳଷ୍ଟେଶନ ନିକଟରୁ ଅପହରଣ କରି ଏକ କ୍ୱାର୍ଟରରେ ରଖିଥିଲେ। ଦୁର୍ବୃତ୍ତମାନେ ତାଙ୍କଠାରୁ ମୋବାଇଲ, ୫୦୦୦ଟଙ୍କା ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ସହ ଅନେକ ଜରୁରୀ କାଗଜପତ୍ର ନେଇଯାଇଥିଲେ। ପରେ ଏନେଇ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ୩ଜଣଙ୍କୁ ଗିରଫ କରିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା: ଭିଜିଲାନ୍ସ ତଦନ୍ତ ଦାବି

**ଖୋର୍ଦ୍ଧା ଅଫିସ,୬।୭**

ଖୋର୍ଦ୍ଧା ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ହୋଇଛି। ଶ୍ରମିକଙ୍କ ପରିବର୍ତ୍ତେ ମେଶିନ କାର୍ଯ୍ୟ କରୁଛି। ଏହି କାର୍ଯ୍ୟ ବେଳେ ମୋରମ ଓ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା ଏବଂ ଟାଙ୍ଗୀ ବ୍ଲକ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ହରିଲୁଟ୍ ହୋଇଛି। ଏନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ପୁରୀର ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ଭୁବନେଶ୍ୱର ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଲକ୍‌ଡାଉନ ସମୟରେ ବାହାର ରାଜ୍ୟର ଶିଳ୍ପ ସଂସ୍ଥା ବନ୍ଦ ଯୋଗୁ ପ୍ରବାସୀ ଶ୍ରମିକ ଗାଁକୁ ଫେରିଛନ୍ତି। କାମଧନ୍ଦା ନ ପାଇ ଘରେ ବସିଛନ୍ତି। ସେମାନଙ୍କୁ ରୋଜଗାର ଦେବା ପାଇଁ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଏମ୍‌ଜିଏନଆରଇଜିଏସରେ ଅଧିକ ଶ୍ରମ ଦିବସ ସୃଷ୍ଟି ଲାଗି ଘୋଷଣା କରିଛନ୍ତି। ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜବକାର୍ଡଧାରୀଙ୍କ ପରିବର୍ତ୍ତେ ଠିକାଦାରମାନେ ମେଶିନ ସାହାଯ୍ୟରେ କାର୍ଯ୍ୟ କରୁଛନ୍ତି। ବିଭାଗୀୟ ଅଧିକାରୀ, ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହି ଯୋଜନାରେ ହେଉଥିବା କାର୍ଯ୍ୟରେ ଅର୍ଥ ହରିଲୁଟ କରୁଛନ୍ତି। ଏହି ଯୋଜନାରେ ଖୋର୍ଦ୍ଧା ଜିଲାକୁ ଗତ ଦୁଇ ବର୍ଷ ମଧ୍ୟରେ କେତେ ଟଙ୍କା ଆସିଛି, କେଉଁ କେଉଁ କାର୍ଯ୍ୟ ଶେଷ କରାଯାଇଛି। କେତେ ଶ୍ରମ ଦିବସ ସୃଷ୍ଟି କରାଯାଇଛି। କେତେଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି, ଏ ବାବଦକୁ କେତେ ଟଙ୍କା ଶ୍ରମିକଙ୍କୁ ଦିଆଯାଇଛି, ଏ ସମସ୍ତ କାର୍ଯ୍ୟକୁ ତଦନ୍ତ ପରିସର ଭୁକ୍ତ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଆଇଫୋନ୍ ଧରି ଚମ୍ପଟ ମାରିଲେ ଯୁବତୀ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

- ସେଲ୍‌ସମ୍ୟାନ୍‌ଙ୍କୁ ଚକ୍‌ମା ଦେଇ ସ୍ୱାଇପ୍ ମେଶିନ୍ ନେଇ ଯାଇଥିଲେ
- ଥାନାରେ ହେଲା ଆପୋସ ବୁଝାମଣା
- ଭୁଲ ସ୍ୱୀକାର କରି ୧.୪୩ ଲକ୍ଷ ଟଙ୍କା ଦେଲେ


ସିସିଟିଭି ଫୁଟେଜ୍‌ରେ କଏଦ୍ ଯୁବତୀ।

ରାଜଧାନୀର ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ଜଣେ ଯୁବତୀ ଆଇଫୋନ୍ କିଣିବା ପରେ ଟଙ୍କା ନ ଦେଇ ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସିସିଟିଭି ଫୁଟେଜକୁ ଆଧାର କରି ଦୋକାନୀ ଜଣକ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଯୁବତୀ ନିଜ ଭୁଲ ସ୍ୱୀକାର କରିବା ସହ ମୋବାଇଲ ଓ ସ୍ୱାଇପ୍ ମେଶିନ ବାବଦକୁ ମୋଟ ୧.୪୩ଲକ୍ଷ ଟଙ୍କା ଦୋକାନୀଙ୍କୁ ଦେଇଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଜଣେ ଯୁବତୀ ଶହୀଦନଗରରେ ଥିବା ଏକ ମୋବାଇଲ ଦୋକାନକୁ ଆସି ଏକ ଆଇଫୋନ୍ ଦେଖେଇବାକୁ ଦୋକାନୀଙ୍କୁ କହିଥିଲେ। ୧ଲକ୍ଷ ୩୯ ହଜାର ଟଙ୍କାର ଏକ ଆଇଫୋନ୍ ଦେଖି ପସନ୍ଦ କରିବା ପରେ ବାପାଙ୍କ ନାଁରେ ବିଲ୍ କାଟିଥିଲେ। ପରେ ଏଟିଏମ୍ କାର୍ଡ ଖରାପ ହୋଇଯିବା କହି ଟଙ୍କା ପାଇଁ ଦୋକାନୀଙ୍କୁ ଘରକୁ ଡାକିଥିଲେ। ଯୁବତୀଙ୍କ ଘର ସେହି ଶହୀଦନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ହୋଇଥିବାରୁ ତାଙ୍କ କଥାରେ ବିଶ୍ୱାସ କରି ଦୋକାନୀ ଜଣଙ୍କ ସେଲ୍ସମ୍ୟାନଙ୍କୁ ପଠାଇଥିଲେ। ଯୁବତୀଙ୍କ ସହ ସ୍କୁଟିରେ ସେଲ୍ସମ୍ୟାନ ସ୍ୱାଇପ୍ ମେଶିନ ନେଇ ଯାଇଥିଲେ। ବାଟରେ ଏକ ପେଟ୍ରୋଲ ପମ୍ପ ନିକଟରେ ଯୁବତୀଜଣକ ସେଲ୍ସମ୍ୟାନଙ୍କୁ ଏକ ବୋତଲ ଦେଇ ତେଲ ଆଣିବାକୁ କହିଥିଲେ। ସେଲ୍ସମ୍ୟାନ ତେଲ ଆଣିବାକୁ ଯାଇଥିବାବେଳେ ଯୁବତୀ ଜଣକ ଫୋନ୍ ଓ ସ୍ୱାଇପ୍ ମେଶିନ ଧରି ଫେରାର ହୋଇଯାଇଥିଲେ। ଏହା ଦେଖି ସେଲ୍ସମ୍ୟାନ ଯୁବତୀଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ସେ ରହୁଥିବା ଆପାର୍ଟମେଣ୍ଟରେ ପହଞ୍ଚିଥିଲେ। ହେଲେ ସେଠାରେ ଯୁବତୀ ଜଣକ କୌଣସି ଫୋନ କିଣି ନାହାନ୍ତି ବୋଲି କହି ସେଲ୍ସମ୍ୟାନଙ୍କୁ ଫେରାଇ ଦେଇଥିଲେ। ପୂରା ଘଟଣା ସମ୍ପର୍କରେ ସେଲ୍ସମ୍ୟାନ ଆସି ଦୋକାନୀଙ୍କୁ କହିଥିଲେ। ଏହା ପରେ ସିସିଟିଭି ଫୁଟେଜ୍‌କୁ ଆଧାର କରି ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ ଦୋକାନୀ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଯୁବତୀଙ୍କୁ ଡକାଇବା ସହ ଟଙ୍କା ଓ ସ୍ୱାଇପ୍ ମେଶିନ୍ ଫେରାଇବାକୁ କହିଥିଲା। ପରେ ଯୁବତୀ ଭୁଲ୍‌ମାଗି ଟଙ୍କା ପଇଠ କରିଥିଲେ।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ସାଗରକାନ୍ତ


@ ଦେବପ୍ରସାଦ


@ ଜ୍ୟୋତି


@ ମାନସ


@ ସୁଦୀପ୍ତା


@ ସାମ୍‌ସନ

## ‘ଶ୍ୟାମାପ୍ରସାଦ ମୁଖାର୍ଜୀ ରାଷ୍ଟ୍ରଭକ୍ତ ଥିଲେ’

**ଖୋର୍ଦ୍ଧା ଅଫିସ,୬।୭**

ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୦ତମ ଜୟନ୍ତୀ ଉତ୍ସବ ମଳିପଡ଼ାସ୍ଥିତ ଭାଜପାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, କିଶୋର ବରାଳ, ବିପିନ ପାଲଟାସିଂ, ବିଶ୍ୱଭୂଷଣ ପଟ୍ଟନାୟକ, ପ୍ରଫୁଲ୍ଲ ଖଣ୍ଡାଇତରାୟ, ରଞ୍ଜନ ମାର୍ଥା, ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷା ଲାଗି ସଙ୍କଳ୍ପ ନିଆଯାଇଥିଲା। ସେହିପରି ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଜିନା ରାଣୀ ଦାଶ, ପ୍ରତାପ ମହାପାତ୍ର, ବସନ୍ତ ନାୟକ, ବିଦ୍ୟୁତ୍ କାଣ୍ତି, ବିଜୟ ସ୍ୱାଇଁ, ପ୍ରଦୀପ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମାପ୍ରସାଦଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ କାହାଣୀ ଉପରେ ଆଲୋକପାତ କରି ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ କହିଥିଲେ, ୧୯୫୧ରେ ସେ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ। ଏଥିସହ ସେ ଜଣେ ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ଥିଲେ। ଏହି ଅବସରରେ କାର୍ଯ୍ୟାଳୟ ନିକଟରେ ଚାରାରୋପଣ କରାଯାଇଥିଲା।

## ସୁସ୍ଥ ଜୀବନ ପାଇଁ ବୃକ୍ଷରୋପଣ ଆବଶ୍ୟକ

**ଜଟଣୀ,୬।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ମଙ୍ଗଳବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜଜ୍ ଧ୍ରୁବି ଶୋଲାଙ୍କି ଯୋଗଦେଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ସମସ୍ତେ ଗୋଟିଏ ଗଛ ଲଗାଇ ତାକୁ ବଢାଇପାରିଲେ ଆଗାମୀ ପିଢିଙ୍କ ଜୀବନ ସୁସ୍ଥ ଏବଂ ସୁନ୍ଦର ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବାର୍ ଆସୋସିଏଶନର ଆଇନଜୀବୀ ସୁରେନ୍ଦ୍ର ନାୟକ, ଶୈଳେନ୍ଦ୍ର ପଟ୍ଟନାୟକ, ସଞ୍ଜୟ ମହାପାତ୍ର, ସାନୁଜ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଏବଂ କୋର୍ଟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**'ଗଛ ହିଁ ଜୀବନ' ସମ୍ପର୍କରେ ଆଲୋଚନା**

କଣାସ/ସାକ୍ଷୀଗୋପାଳ,(ସ୍ୱ.ପ୍ର.)- କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିପୁରୀ ଗ୍ରାମର ପଲ୍ଲୀସଂସ୍କୃତି କଳାପରିଷଦ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା ଯୋଗଦେଇ 'ଗଛ ହିଁ ଜୀବନ' ସମ୍ପର୍କରେ ସୂଚନା ଦେବାସହ ଚାରାରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଶିଶିର ସାହୁ, ନିରଞ୍ଜନ ଜେନା, ବିଭୂତିଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀସ୍ଥିତ ନୂଆସୋମେଶ୍ୱର ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚର ଛାତ୍ରମାନେ ସାଣରା ପଞ୍ଚାୟତର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ବେଢ଼ାରୁ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟରେ ବ୍ରଜବନ୍ଧୁ ମହାପାତ୍ର, ସୁର ରାଜ ମିଶ୍ର ପ୍ରମୁଖ ବନ୍ଧୁ ସାମିଲ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୦୭।୨୦୨୧
୨୩୩୪ ଟଙ୍କା

## ସଂକ୍ଷେପରେ

### ରଥଯାତ୍ରାକୁ ଜାତୀୟ ଛୁଟି ଘୋଷଣା ଦାବି

ପୁରୀ ଅଫିସ, ୬।୭: ରଥଯାତ୍ରାକୁ ଜାତୀୟ ଛୁଟି ଘୋଷଣା କରିବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ବାହିନୀ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରାଯାଇଛି। ଏଥିସହ କେନ୍ଦ୍ର ସରକାରଙ୍କ ଅନ୍ୟ ପ୍ରମୁଖ ବିଭାଗକୁ ମଧ ଏହି ଦାବିପତ୍ର ପଠାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ବଡ଼ଦିନକୁ ଜାତୀୟ ଛୁଟିଦିନର ମାନ୍ୟତା ମିଳିଛି। ସେହିଭଳି ରଥଯାତ୍ରା ବିଶ୍ୱର କୋଣ ଅନୁକୋଣରେ ପାଳିତ ହେଉଥିବାରୁ ଏହି ଦିନକୁ ମଧ ସମାନ ମାନ୍ୟତା ମିଳୁ। କରୋନା ସମୟରେ ପୁରୀ ସହରରେ ୧୪୪ ଧାରା ଲାଗୁ କରାଯାଇ ରଥଯାତ୍ରା ଆୟୋଜନ ହେଉଛି। ବିଶ୍ୱବାସୀ ସିଧା ପ୍ରସାରଣ ମାଧମରେ ଘୋଷଯାତ୍ରା ଦେଖିବେ। ଘୋଷଯାତ୍ରାକୁ ଜାତୀୟ ଛୁଟିଦିନ ଭାବେ ଘୋଷଣା କରାଗଲେ, ସରକାରୀ କର୍ମଚାରୀମାନେ ମଧ ଘରେ ବସି ମହାପ୍ରଭୁଙ୍କ ରଥଯାତ୍ରା ଦେଖିପାରିବେ।

### ଶ୍ମଶାନରୁ ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

କୋଣାର୍କ,୬।୭(ଡି.ଏନ୍.ଏ.)- କୋଣାର୍କ ଥାନା ଅଧୀନ ନୁହାଡ଼ି ଅଞ୍ଚଳର ଏକ ଶ୍ମଶାନରୁ ମଙ୍ଗଳବାର ରାତିରେ ଜଣେ ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ଖବର ଅନୁଯାୟୀ, କୁରୁଜଙ୍ଗ ପଞ୍ଚାୟତ ଅଧୀନ ନୁହାଡ଼ି ଅଞ୍ଚଳର ଜଣେ ୧୨ବର୍ଷର ବାଳିକାଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ତେବେ ପରିବାର ଲୋକେ ନାବାଳିକାଙ୍କ ମୃତଦେହ ସତ୍କାର ପାଇଁ ସ୍ଥାନୀୟ ଶ୍ମଶାନକୁ ନେଇଥିଲେ। ନାବାଳିକା ଜଣକ ଆତ୍ମହତ୍ୟା କରିଥିବାବେଳେ ପୋଲିସକୁ ସୂଚନା ନ ଦେଇ ସତ୍କାର କରାଯାଉଥିଲା। ଗ୍ରାମବାସୀଙ୍କଠାରୁ ପୋଲିସ ଖବରପାଇ ଉକ୍ତ ଶ୍ମଶାନରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ନାବାଳିକାଙ୍କ ମୃତଦେହ ଜବତ କରିଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ପିପିଲି,୬।୭(ସ୍ୱ.ପ୍ର.)- ପିପିଲି ଥାନା ଅଧୀନ ଜଗନ୍ନାଥପୁର ଡିହସାହି ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ ପିପିଲି ପୋଲିସ ଏଏସଆଇ ପ୍ରକାଶ ମଲ୍ଲିକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକକୁ ଜବତ କରିବା ସହ ଟ୍ରକ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୁରୀ ବାଟମଙ୍ଗଳା ସାହିର ରତ୍ନାକର ବେହେରା(୫୭) ନିଜ ବାଇକ୍‌ରେ ପିପିଲି ଯାଉଥିବା ବେଳେ ଜଗନ୍ନାଥପୁର ଡିହସାହି ଛକ ନିକଟରେ ଅଟକି ରାସ୍ତାକଡ଼ରେ ଠିଆ ହୋଇଥିଲେ। ଏହି ସମୟରେ ପିପିଲି ପଟୁ ଆସୁଥିବା ଚିପ୍ସ ଲୋଡ ଟ୍ରକ ନଂ (ଓଆର ୦୨ବିଟି -୧୦୬୭) ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ରତ୍ନାକର ଗାଡିରୁ ତଳେପଡି ଯିବାରୁ ଟ୍ରକଟି ତାଙ୍କ ଗୋଡ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକ ଟ୍ରକ ଡ୍ରାଇଭରକୁ ଧରି ପୋଲିସକୁ ଜଣାଇବା ସହ ରତ୍ନାକରଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

### ସଞ୍ଜୀୟଙ୍କ ଜନ୍ମଦିନରେ ଚାରାରୋପଣ

ପୁରୀ ଅଫିସ,୬।୭: ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଜନ୍ମଦିନରେ ବ୍ରହ୍ମଗିରି ବିଜେଡି ପକ୍ଷରୁ ପରୁ ସାଇ ସୌଦାମିନୀ ନର୍ସିଂହୋମରେ ରୋଗୀ ଓ ମେଡିକାଲ କର୍ମଚାରୀମାନଙ୍କୁ ମାସ୍କ, ସାନିଟାଇଜର ଓ ଫଳ ସାମଗ୍ରୀ ପ୍ରଦାନ କରାଯାଇଛି। ଏହା ସହ ଜିଲାର ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଣୟ ଜେନା, ବିସ୍ମୟ ମଙ୍ଗରାଜ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପହଣ୍ଡିରେ ମାସ୍କ ବଦଳରେ ଗାମୁଛା ବାନ୍ଧିବେ

■ ସୁସ୍ଥ ହେଲେ ମହାପ୍ରଭୁ
■ ଶ୍ରୀଅଙ୍ଗରେ ଲାଗି ହେବ ଦିବ୍ୟ ପ୍ରଲେପ

ପୁରୀ ଅଫିସ,୬।୭:

ଜ୍ୱରରେ ପଡ଼ିଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଅଣସର ଘରେ ଦଇତାପତି ସେବାୟତଙ୍କ ସେବା ଶୁଶ୍ରୂଷା ପରେ ମହାପ୍ରଭୁ ସୁସ୍ଥ ହୋଇଥିବା ଖବର ଆସିଛି। ଅନବସରର ଦ୍ୱାଦଶୀ ତିଥିରେ ସକାଳ ଧୂପ ଓ ଭୋଗମଣ୍ଡପ ନୀତି ପରେ ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ସୁସ୍ଥତା ଖବର ନେଇ ରାଜପ୍ରାସାଦରେ ପହଞ୍ଚିଛନ୍ତି ଦଇତାପତି ସେବାୟତ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ପାଟଡୋର, ଚନ୍ଦନ, କରାଳ ଚନ୍ଦନକୁ ରୁପା ଥାଳିରେ ଧରି ପାଟ ପଟୁଆରରେ ଦଇତାପତି ସେବାୟତମାନେ ଶ୍ରୀନଅରରେ ପହଞ୍ଚି ଗଜପତି ଦିବ୍ୟସିଂହ ଦେବଙ୍କୁ ପ୍ରଦାନ କରିଛନ୍ତି। ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ଦିଆଯିବା ସହ ସର୍ବାଙ୍ଗ ନୀତି ମଧ ସମ୍ପାଦିତ ହୋଇଥିଲା। ଦଇତାପତି ସେବାୟତମାନଙ୍କୁ ମହାରାଜା ଶାଢ଼ି ବନ୍ଧାଇଥିଲେ। ଆସନ୍ତା ରଥଯାତ୍ରା କିଭଳି ଶୃଙ୍ଖଳିତ ଭାବେ ପରିଚାଳିତ ହେବ ସେନେଇ ମହାରାଜ ଦଇତାପତିମାନଙ୍କ ସହ ଆଲୋଚନା କରିଛନ୍ତି। ସେହିଭଳି କୋଭିଡ୍ ସମୟରେ ରଥଯାତ୍ରା ବିନା ଭକ୍ତରେ ହେଉଥିବା ହେତୁ ଶ୍ରଦ୍ଧାଳୁମାନେ କିଭଳି ଭାବେ ସିଧାପ୍ରସାରଣ ସମୟରେ ରଥାରୂଢ଼ ମହାପ୍ରଭୁଙ୍କର ସ୍ପଷ୍ଟ ଦର୍ଶନ କରିପାରିବେ ସେନେଇ ଧ୍ୟାନ ଦେବା ପାଇଁ ଦଇତାପତି ସେବାୟତମାନଙ୍କୁ ନିବେଦନ କରିଛନ୍ତି। ସେହିଭଳି କୋଭିଡ୍ କଟକଣା ସମୟରେ ଗାଇଡଲାଇନ୍ କିଭଳି ଭାବେ ପାଳନ କରିହେବ ସେନେଇ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ପହଣ୍ଡି ବେଳେ ମାସ୍କ ପିନ୍ଧିବା ସମ୍ଭବପର ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ପହଣ୍ଡି ସମୟରେ ସାଧାରଣତଃ ସେବାୟତମାନଙ୍କର ଶ୍ୱାସ ରୁନ୍ଧି ହୋଇଯାଏ। ମାସ୍କ ପରିଧାନ କଲେ ଆହୁରି ଅସ୍ୱାଭାବିକ ପରିସ୍ଥିତି ହୋଇପାରେ ବୋଲି ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି। ଏଣୁ ପହଣ୍ଡି ସମୟରେ ମାସ୍କ ବଦଳରେ ଗାମୁଛାକୁ ପ୍ରାଥମିକତା ଦିଆଯିବା ନେଇ ଆପାତତଃ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ସମ୍ପୂର୍ଣ୍ଣ ଆଲୋଚନାରେ ଦଇତାପତିମାନେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ସମସ୍ତ କୋଭିଡ୍ କଟକଣା ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ପାଣି ଓଷ ଯୋଗାଯାଇଥିଲା। ଦ୍ୱାଦଶୀ ତିଥିରେ ଅର୍ଥାତ୍ ମଙ୍ଗଳବାର ସନ୍ଧ୍ୟା ଧୂପ ସରିବା ପରେ ବିମଳାଙ୍କ କୂଅରୁ ପାଣି ଯିବ। ଦଇତାପତିଙ୍କ ଘରେ ଖଳି ଅର୍ଥାତ୍ ଦିବ୍ୟ ପ୍ରଲେପ ପ୍ରସ୍ତୁତ ହେବ। ଏହା ଏକ ଗୋପନୀୟ ପ୍ରଥା। ଏହି ଖଳିପ୍ରସାଦ ବୁଧବାର କାହାଳୀ ପଟୁଆରରେ ଶ୍ରୀମନ୍ଦିର ବିଜେ ପ୍ରବେଶ କରିବେ। ଉକ୍ତ ଖଳି ପ୍ରସାଦ ଶ୍ରୀଅଙ୍ଗରେ ଲାଗି ହେବ।



ଗଜପତି ମହାରାଜ ଦିବ୍ୟସିଂହ ଦେବ ସେବାୟତଙ୍କ ସହ ଆଲୋଚନା କରୁଛନ୍ତି ।




କୋଭିଡ୍ ସହାୟତା ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ବାହାରିଥିବା ଶ୍ରୀନୀଳକଣ୍ଠେଶ୍ୱର ଅଟୋରିକ୍ସା ଚାଳକ ସଂଘ କର୍ମକର୍ତ୍ତାମାନେ ।

## ଅଟୋଚାଳକ ସଂଘର କୋଭିଡ୍ ସହାୟତା ଦାବି

ପୁରୀ ଅଫିସ,୬।୭:

କୋଭିଡ୍‌ର ୨ୟ ଲହରରେ ପୁରୀ ସହରରେ ଥିବା ୫ ହଜାରରୁ ଊର୍ଦ୍ଧ୍ୱ ଅଟୋ ଚାଳକ ଦୟନୀୟ ସ୍ଥିତିରେ ଜୀବନ ବଞ୍ଚୁଛନ୍ତି। ପୁରୀକୁ ରେଳ ଓ ବସ ଚଳାଚଳ ବନ୍ଦ ରହିଥିବା ହେତୁ ଅଟୋ ଚାଳକମାନେ ରୋଜଗାର କରିପାରୁନାହାନ୍ତି। ସରକାର ଚାଷୀ ଓ ଉଠାଦୋକାନୀଙ୍କ ପାଇଁ ପ୍ୟାକେଜ ଘୋଷଣା କରିଥିବା ବେଳେ ଅଟୋ ଚାଳକମାନଙ୍କ ଦୁଃଖ କାହିଁକି ଶୁଣୁନାହାନ୍ତି ବୋଲି ନୀଳକଣ୍ଠେଶ୍ୱର ଅଟୋ ରିକ୍ସା ଚାଳକ ସଂଘର ସଭାପତି ଶ୍ରୀକାନ୍ତ ପରିଜା ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିବା ସହ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସହାୟତା ଦେବା ପାଇଁ ଦାବି କରିଛନ୍ତି।

## ରଥଖଳାରୁ

### ତିନିରଥରେ ଲାଗିଲା 'ଠେକେରା ବାଡ଼'



ପୁରୀ ଅଫିସ,୬।୭

ରଥଯାତ୍ରା ଆଉ ଅଳ୍ପ ଦିନ ବାକି ଥିବାବେଳେ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥ ଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ତିନିରଥର ବେଦୀ ପାର୍ଶ୍ୱ ପଟା ଚାରିପଟେ 'ଠେକେରା ବାଡ଼' ପଡ଼ିଛି । ଏହାପରେ ସଖୀ ସଂଯୋଗ କରାଯିବ। ସେହିପରି ତିନିରଥର ଘୋଡ଼ା ମରାମତି ସହ ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ବ୍ରେକର ରଙ୍ଗ ଶେଷହୋଇ ସେଥିରେ ଫୁଲ ଏବଂ ହାତୀ ମାଳ ଚିତ୍ର ଅଙ୍କନ ପରେ ସମସ୍ତ ରଙ୍ଗ କାର୍ଯ୍ୟ ଶେଷ ହୋଇଥିବା ବେଳେ, ତାଳଧ୍ୱଜ ରଥ ଏବଂ ଦେବ ଦଳନ ରଥର ସମସ୍ତ ରଙ୍ଗ କାର୍ଯ୍ୟ ଶେଷ ହୋଇ ସିଂହାସନ ବେଦି ଚାରି ପଟ ଗାଇ ଗୋଠ ଚିତ୍ର ବାକି ରହିଛି। ତିନି ରଥର ପ୍ରଭାରେ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଦରଜି ସେବକମାନେ ତିନିରଥର ୨୪ଟି ବତା କନାରେ ୭୨ଟି ବିଳାସ ପଟି ଲାଗି ଶେଷ କରିଛନ୍ତି। ଏଥିସହ ତିନି ରଥର ୧୨ଟି ଦୁଆର ବେଢା ମାପ ପ୍ରକାରେ କନା କଟିଙ୍ଗ ପରେ ସେଥିରେ ଲେସ, ଚିକ୍କଣ ସିଲଭର ଜରୀରେ ଫୁଲ, ଫୁଲ ଡାଳି ପଡି ଦୁଆର ବେଢା କନା କାମ ଶେଷ ହୋଇଛି। ଏଥିସହ ତିନିରଥର ୧୨ଟି ଚନ୍ଦ୍ରଶାଳୀ ଏବଂ ୧୨ଟି ଅଁଳାଶ୍ରୀ ପାଇଁ କନା କାର୍ଯ୍ୟ ଶେଷ ହେବା ସହ ପୋଟଳର କନା କାର୍ଯ୍ୟ ଶେଷ ହୋଇ କନକ ମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡା ଚାନ୍ଦୁଆ ଏବଂ ସାରଥିଙ୍କ ପାଇଁ ପୋଷାକ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ୧୨ଟି ପ୍ରଭା କନା ନିର୍ମାଣ ସହ ୮ଏମ ଏମ, ୧୨ ଏମ ଏମ, ୧୬ ଏମ ଏମ ଏବଂ ୨୦ ଏମ ଏମର କିଛି ରଡ଼ କଣ୍ଟା ଏବଂ ଇଉ କ୍ଲାମ୍ପ, ଅର କ୍ଲାମ୍ପ ବଳକା କାମ ଚାଲୁ ରଖିଛନ୍ତି। ଏଥିସହ ରଥ ଚାଳିକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇ ଲୁହା ଭାରା ହଟା ଯିବା ସହ ଚାଳିରେ ଥିବା ବଳକା କାଠ ଏବଂ ବଡ଼ଦାଣ୍ଡରେ ପଡିଥିବା କାଠଗୁଡିକୁ ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ଆହତ ନୃସିଂହଙ୍କୁ ସହାୟତା ଦାବି

ପିପିଲି,୬।୭(ଡି.ଏନ୍.ଏ.)

ପିପିଲି ଥାନା ଅଧୀନ କୁଳଶିଖରପାଟଣା ପଞ୍ଚାୟତ ବରାଗଡ଼ ଗ୍ରାମର ଦିନମଜୁରିଆ ନୃସିଂହ ଚରଣ ବାରିକ(୫୫) ଦୁର୍ଘଟଣାରେ ଆହତ ହୋଇ ଏବେ କଟକ ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଚିକିତ୍ସାରେ ଅର୍ଥ ବାଧକ ସାଜୁଥିବାରୁ ସହାୟତା ପାଇଁ ପରିବାର ଲୋକ ଓ ଗ୍ରାମବାସୀ ଦାବି କରୁଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ନିଜ କର୍ମ ସାରି ସାଇକେଲରେ ଘରକୁ ଫେରୁଥିବା ବେଳେ ବରାଗଡ଼ ଛକ ନିକଟରେ ଏକ ଅଟୋ ଧକ୍କା ଦେବାରୁ ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପିପିଲି ପୋଲିସ ସହାୟତାରେ ପ୍ରଥମେ ପିପିଲି ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲର ବ୍ରେନ ବିଭାଗରେ ଭର୍ତ୍ତି କରାଯାଇଥିଲା। ସେ ୪ ଦିନ ହେବ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଅନ୍ୟପଟେ ଚିକିତ୍ସାରେ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି। ନୃସିଂହ ଦୈନିକ ମଜୁରି ଯାହା ପାଉଥିଲେ, ସେଥିରେ ପରିବାର ଚଳୁଥିଲା। ଏବେ ପୁଅର ରୋଜଗାର ସେତେଟା ନ ଥିବାରୁ ପରିବାର ଚଳିବା ଓ ବାପାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜୁଛି। ଏପଟେ ନୃସିଂହଙ୍କ ସ୍ତ୍ରୀ ଶୋଭା ମଧ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସମସ୍ତଙ୍କ ନିକଟରେ ଗୁହାରି କରୁଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ଉତ୍ତମ ଚିକିତ୍ସା ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକ ଓ ଗ୍ରାମବାସୀ ଦାବି କରିଛନ୍ତି। ପିପିଲି ପୋଲିସ ମଧ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ରାସ୍ତା ସମ୍ପ୍ରସାରଣରେ ବାଧକ ବିଦ୍ୟୁତ୍‌ଖୁଣ୍ଟ, ଗଛ

ଅସ୍ତରଙ୍ଗ,୬।୭(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗଠାରୁ ନିମାପଡ଼ା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ୪୨ କୋଟି ଟଙ୍କାର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ରାସ୍ତାର ପିଚୁ ଓ ଢଳାଇ କାର୍ଯ୍ୟ ଆଦି ସରିବାକୁ ଥିବା ବେଳେ ରାସ୍ତାର ଦୁଇକଡ଼ରେ ଥିବା ପାଦଚଲା ରାସ୍ତା ସମ୍ପ୍ରସାରଣ ହୋଇ ପାରୁ ନାହିଁ। କାରଣ ରାସ୍ତାର ଦୁଇ ପାର୍ଶ୍ୱରେ ବିଦ୍ୟୁତ ଖୁଣ୍ଟ ଓ ଗଛ ଥିବାରୁ ପାଦଚଲା ରାସ୍ତା ଛୋଟ ହେବାରେ ଲାଗିଛି। ଏହି ବିଷୟରେ ଜଙ୍ଗଲ ଓ ବିଦ୍ୟୁତ ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ ଆଜିକାଲି କହି ଦିନ ଗଡ଼ାଇ ଚାଲିଛନ୍ତି। ରାସ୍ତା ସଂକୀର୍ଣ୍ଣ ହେବାରୁ ଯାତାୟାତରେ ଲୋକଙ୍କୁ ଅସୁବିଧା ହେଉଥିବାବେଳେ ରାସ୍ତା ସମ୍ପ୍ରସାରଣରେ ମଧ ବାଧକ ସାଜୁଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଖୁବଶୀଘ୍ର ରାସ୍ତା ସମ୍ପ୍ରସାରଣରେ ବାଧକ ଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

## ବୟସ୍କ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ସାକ୍ଷୀଗୋପାଳ,୬।୭(ସ୍ୱ.ପ୍ର.)

ସରକାରଙ୍କ ଦ୍ୱାରା ଚାଲିଥିବା ଟିକାକରଣକୁ ନେଇ ଏବେ ଅନେକ ସମସ୍ୟା ଦେଖାଗଲାଣି। କେଉଁଠି ଟିକା କମ୍ ଯୋଗୁ ଲୋକେ ନିରାଶ ହୋଇ ଫେରୁଥିବାବେଳେ ଅନ୍ୟ କେଉଁଠି ପଞ୍ଜୀକରଣ ଠିକ୍ ଭାବେ ହେଉ ନ ଥିବାରୁ ବୟସ୍କମାନେ ଟିକା ନେବାରୁ ବଞ୍ଚିତ ହେଉଥିବା ନେଇ ସତ୍ୟବାଦୀ ବ୍ଲକରେ ଅଭିଯୋଗ ହୋଇଛି। ବୟସ୍କ ବ୍ୟକ୍ତିମାନେ ପ୍ରଥମ ଡୋଜ ଟିକା ନେବା ସମୟରେ ଯେଉଁ ମୋବାଇଲ ନମ୍ବରରେ ପଞ୍ଜୀକରଣ କରିଥିଲେ, ତେବେ ଏବେ ଦ୍ୱିତୀୟ ଡୋଜ ନେବାର ସମୟ ଆସିବାରୁ କେନ୍ଦ୍ରକୁ ଯିବାବେଳେ ଲୋକଙ୍କ ନାମ ନାହିଁ। ଫଳରେ ଅଧିକାଂଶ ବୟସ୍କ ଦ୍ୱିତୀୟ ଡୋଜ ଟିକା ନେଇପାରି ନ ଥିବା କହିଛନ୍ତି। ଏଭଳି ସମସ୍ୟା ସାକ୍ଷୀଗୋପାଳ ଅଞ୍ଚଳର ସରସ୍ୱତୀ ମିଶ୍ର(୭୨), ଗୋକୁଳଚନ୍ଦ୍ର ମେକାପ ଓ ପୁନା ମଲ୍ଲିକଙ୍କ କ୍ଷେତ୍ରରେ ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ନିରାଶ୍ରୟ, ମସ୍ତିଷ୍କ ବିକୃତ, ସାମାଜିକ ଅବହେଳିତ ଲୋକଙ୍କୁ ଘରେ ଯାଇ ଟିକା ଦିଆଯିବାର ବ୍ୟବସ୍ଥା ଥିଲେ ମଧ ସତ୍ୟବାଦୀ ଅଞ୍ଚଳରେ ଏହି ବ୍ୟବସ୍ଥା ଆରମ୍ଭ ହୋଇ ନ ଥିବା ଜିଲା ସଭାପତି(ମାନବ ଅଧିକାର) କୈଳାସ ବରାଳ କହିଛନ୍ତି। ଏହା ଉପରେ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବା ଉଚିତ। ଇନ୍ଦୁମଣି ମିଶ୍ର (୬୮) ଓ ବାସନ୍ତୀ ମିଶ୍ର(୬୮) ଦୁଇ ଦିବ୍ୟାଙ୍ଗ କଷ୍ଟମଷ୍ଟେ ପ୍ରଥମ ଡୋଜ ଟିକା ନେଇଥିବାବେଳେ ଦ୍ୱିତୀୟ ଡୋଜ ପାଇଁ ପୁଣି ଲାଇନରେ ଛିଡ଼ା ହେବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଏଭଳି ଅନେକ ଲୋକ ଥିବାବେଳେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ସେମାନେ କହିଛନ୍ତି। ଏ ନେଇ ବିଡିଓ କ୍ଷୀରୋଦ କୁମାର ବେହେରା କହିଛନ୍ତି, ଅଳ୍ପ ଦିନ ମଧରେ ଏ ସମସ୍ୟାର ସମାଧାନ କରାଯିବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟିକାକରଣରେ ସାମିଲ କରାଯିବ। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଖୁବଶୀଘ୍ର ଅଫ୍‌ଲାଇନ ବ୍ୟବସ୍ଥା କରାଯାଇ ସମସ୍ତଙ୍କୁ ଟିକା ଦିଆଯିବ।

## କରୋନା ସଚେତନତା ନେଇ ତଦାରଖ

ଗୋପ,୬।୭(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ୨ ଜଣିଆ ପ୍ରତିନିଧି ଦଳ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅଞ୍ଚଳ ବୁଲି ତଦାରଖ କରିଛନ୍ତି। ବିଭିନ୍ନ ଗ୍ରାମରେ କିଭଳି ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏହି କାର୍ଯ୍ୟକ୍ରମକୁ ନେଇ ସଚେତନତା ସହ ଔଷଧ ପତ୍ର ବଣ୍ଟନ କରିଛନ୍ତି ସେ ସମ୍ପର୍କରେ ମଧ ଗ୍ରାମାଞ୍ଚଳ ଲୋକମାନଙ୍କୁ ପ୍ରତିନିଧି ଦଳ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଗୋପ ବ୍ଲକ ଅଧୀନ ଅଧିକାଂଶ ଗାଁରେ ଶତାଧିକରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିଲେ। ଏହାକୁ କିପରି ରୋକାଯାଇ ପାରିବ ସେନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୮୮ଜଣ ଆଶାକର୍ମୀ,୧୮୭ ଅଙ୍ଗନୱାଡ଼ି କର୍ମୀଙ୍କ ସହ ଏକ ବୈଠକ କରି ୧୬୦ଟି ଟିମ ଗଠନ କରିଥିଲେ। ଏହି ଟିମ ଗାଁରେ ବୁଲି ମାସ୍କ ପିନ୍ଧିବା, ସାନିଟାଇଜ କରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ନେଇ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମ କିପରି କରାଯାଇଛି, ଲୋକେ କିପରି ସଚେତନ ଅଛନ୍ତି ସେ ବିଷୟରେ ଜାଣିବା ପାଇଁ ମଙ୍ଗଳବାର ଏକ ଟିମ୍ ଗୋପ ଅଞ୍ଚଳ ଆସିଥିଲେ। ଟିମ୍‌ରେ ଡ.ସୁଜିତ ମିଶ୍ର, ସୁଶାନ୍ତ ନାୟକ, ଡ.ଶିବ ପ୍ରସାଦ ମଙ୍ଗରାଜ, ଜିଲା ଆଶାକର୍ମୀ କୋର୍ଡିନେଟର ଅଶୋକ ସାହୁ ପ୍ରମୁଖ ବୁଲି ସଚେତନତା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମାଞ୍ଚଳର ଲୋକମାନେ ଏହି ସଚେତନତା ସୃଷ୍ଟି ଉପରେ ଦୃଷ୍ଟି ଦେଇ ସଚେତନ ଅଛନ୍ତି ବୋଲି ଏହି ଟିମ୍‌କୁ ସୂଚନା ଦେଇଥିଲେ। ଶେଷରେ ଶିଶୋ ଗ୍ରାମଠାରେ ଏକ ବୈଠକ କରାଯାଇ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମ୍ମାନିତ କରାଯାଇ ଥିଲା। କର୍ଯ୍ୟକ୍ରମ ସମ୍ପର୍କରେ ବୁଲିବା ପରେ ଟିମ୍ ସନ୍ତୋଷ ପ୍ରକାଶ କରିଛନ୍ତି।



ଅଧିକାରୀମାନେ ଗ୍ରାମବାସୀଙ୍କୁ କରୋନା ସଚେତନତା ସମ୍ପର୍କରେ ପଚାରି ବୁଝୁଛନ୍ତି ।

## ମାଙ୍କଡ଼ ଆକ୍ରମଣ, ୫ ଆହତ

ପୁରୀ ଅଫିସ,୬।୭:

ଶ୍ୟାମାକାଳୀ ନୀକଟସ୍ଥ ଅଞ୍ଚଳରେ ଗତ ୫ ମାସ ହେବ ମାଙ୍କଡ଼ଙ୍କ ସଂଖ୍ୟା ସମ୍ପୃକ୍ତ ଅଞ୍ଚଳରେ ବଢ଼ିବାରେ ଲାଗିଛି। ୨/୩ଟି ମାଙ୍କଡ଼ ପାଗଳ ହୋଇ ମାସକ ମଧରେ ସାହିର ୪ରୁ ୫ ଜଣ ଲୋକଙ୍କୁ କାମୁଡ଼ି ସାରିଲେଣି। ବେଳେବେଳେ ଘରେ ପଶି ମଧ ମାଙ୍କଡ଼ ଉତ୍ପାତ କରୁଛନ୍ତି। କୋଭିଡ୍ ସମୟରେ ଖାଇବା ପିଇବା ନ ଥିବା ହେତୁ ମାଙ୍କଡ଼ମାନେ ଚାଲି ଆସୁଛନ୍ତି।

## ବରିଷ୍ଠଙ୍କ ପାଇଁ ଅଡୁଆ ଅନ୍‌ଲାଇନ ପଞ୍ଜୀକରଣ

କାକଟପୁର, ୬।୭(ଡି.ଏନ୍.ଏ.):

ଗ୍ରାମାଞ୍ଚଳରେ ଟିକାକରଣ ବ୍ୟବସ୍ଥାରେ ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କାରଣ, ଗ୍ରାମାଞ୍ଚଳରେ ଅଧିକାଂଶ ବରିଷ୍ଠ ନାଗରିକଙ୍କର ମୋବାଇଲ ନାହିଁ। ତେବେ ଯେଉଁ କେତେଜଣଙ୍କର ମୋବାଇଲ ଫୋନ୍ ଅଛି ତାହା ଆଣ୍ଡ୍ରଏଡ୍ ହୋଇ ନ ଥିବାରୁ ସେଥିରେ ଅନ୍‌ଲାଇନ ପଞ୍ଜୀକରଣ କରି ହେଉ ନାହିଁ। ଫଳରେ ବହୁ ବରିଷ୍ଠ ନାଗରିକ କୋଭିଡ୍ ଟିକାର ୨ୟ ଡୋଜ୍ ନେବାରୁ ବଞ୍ଚିତ ହେଉଛନ୍ତି। ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଅଦ୍ୟାବଧି ୨୦,୯୪୨ ବରିଷ୍ଠ ନାଗରିକ ପ୍ରଥମ ଡୋଜ୍ ଟିକା ନେଇଥିବା ବେଳେ ମାତ୍ର ୫ହଜାର ଜଣ ଦ୍ୱିତୀୟ ଡୋଜ ନେଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କଠାରୁ ସୂଚନା ମିଳିଛି। ପ୍ରଥମ ଡୋଜ୍ ସଂଖ୍ୟାଠାରୁ ଦ୍ୱିତୀୟ ଡୋଜ୍ ସଂଖ୍ୟାର ଏଭଳି ଅନ୍ତର ଟିକାକରଣ ଅଭିଯାନର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ବରିଷ୍ଠ ନାଗରିକ ଟିକାକରଣ କେନ୍ଦ୍ରକୁ ଏକାକୀ ଆସିବା ପାଇଁ ଅସମର୍ଥ। ସେମାନେ ପ୍ରଥମଥର ଆସି ନିରାଶ ହୋଇ ଫେରିଗଲା ପରେ ପୁନର୍ବାର ଆସିବାକୁ ରାଜି ହେଉନାହାନ୍ତି। ତେଣୁ ପୂର୍ବଭଳି ଅଫ୍‌ଲାଇନ ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ଟିକାକରଣ କରାଯିବାକୁ କାକଟପୁର ମା' ମଙ୍ଗଳା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ ଦାବି କରିଛନ୍ତି।

## ସ୍ମାର୍ଟ ବିଦ୍ୟାଳୟ ପରିଚାଳନା ନେଇ କମିଟି ଗଠିତ

ଡେଲାଙ୍ଗ, ୬।୭(ଡି.ଏନ୍.ଏ):

ଡେଲାଙ୍ଗ ଷ୍ଟେଶନ ବଜାର ନିକଟ ରାଧାକାନ୍ତ ବିଦ୍ୟାପୀଠକୁ ରାଜ୍ୟ ସରକାର ୫-ଟିରେ ସାମିଲ କରିବା ସହିତ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ବିଦ୍ୟାଳୟର କର୍ମଚାରୀ, ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସ୍ମାର୍ଟ ବିଦ୍ୟାଳୟରେ ପରିଣତ ହେବା ପରେ ଅତ୍ୟାଧୁନିକ ଶ୍ରେଣୀଗୃହ, ବିଜ୍ଞାନାଗାର, ଲାଇବ୍ରେରି, ଉନ୍ନତମାନର ଖେଳ ଉପକରଣ ଓ ଖେଳପଡ଼ିଆ ଆଦି ବିଦ୍ୟାଳୟ ପରିସରରେ ଉପଲବ୍ଧ ହେବ। ଭିତ୍ତିଭୂମି ଉନ୍ନତୀକରଣ ନେଇ ସୋମବାର ବିଦ୍ୟାଳୟ ପରିସରରେ ଏକ ବୈଠକ ବସି କମିଟି ଗଠନ ହୋଇଛି। ଏହି ସ୍ମାର୍ଟ ବିଦ୍ୟାଳୟ କାର୍ଯ୍ୟ କିପରି ଆରମ୍ଭ ହୋଇ ନଭେମ୍ବର ୧୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଶ୍ରୀଧର ପ୍ରଧାନ ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ମୋ ସ୍କୁଲ କମିଟି ଉପସଭାପତି ସୁଧିର ଚନ୍ଦ୍ର ଦାସ, ସରପଞ୍ଚ ପ୍ରତିମା ମଲ୍ଲିକ, ନିର୍ବାହୀଯନ୍ତ୍ରୀ ରାଜେଶ୍ୱର ମହାରଣା, ଯନ୍ତ୍ରୀ ଚିତ୍ତ୍ରୋତ୍ପଳା ନାୟକ, ଆଲ୍‌ମିନି ପବିତ୍ର ପରିଡ଼ା, କିଶୋର ପ୍ରଧାନ, ରାଜକିଶୋର ପରିଡ଼ା, ହାଡ଼ିବନ୍ଧୁ ସାହୁ, ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ସଙ୍ଗୀତା ମହାନ୍ତି, ଅର୍ଚ୍ଚନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଏସ୍‌ଓପି ମାନିବା ପାଇଁ ଅନୁରୋଧ କଲା ପୋଲିସ

ପୁରୀ ଅଫିସ,୬।୭:

ରଥଯାତ୍ରା ପାଇଁ ହୋଟଲ, ଲଜ୍ ଓ ଧର୍ମଶାଳା ମାଲିକଙ୍କ ସହ ପୁରୀ ପୋଲିସ ମଙ୍ଗଳବାର ଆଲୋଚନା କରିଛି। ଚଳିତବର୍ଷ ରଥଯାତ୍ରା ପାଇଁ ଏସ୍‌ଓପି ଆସି ନ ଥିବାବେଳେ ଏହା ପାଖାପାଖି ପୂର୍ବ ବର୍ଷର ଏସ୍‌ଓପି ଭଳି ହେବ ବୋଲି ଅନୁମାନ କରାଯାଉଛି। ପୂର୍ବ ବର୍ଷର ଏସ୍‌ଓପିକୁ ଆଧାର କରି ହୋଟେଲ ମାଲିକଙ୍କ ସହ ଆଲୋଚନା ହୋଇଛି। ବଡ଼ଦାଣ୍ଡରେ ଥିବା ହୋଟେଲ ଓ ଲଜ୍ ମାଲିକମାନଙ୍କୁ ରଥଯାତ୍ରା ପୂର୍ବରୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କାହାରିକୁ ରହିବାକୁ ଅନୁମତି ନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଚାରିଚକିଆ ଯାନକୁ ମଧ ସହର ମଧକୁ ଅନୁମତି ମିଳିବ ନାହିଁ। ଏ ନେଇ ହୋଟେଲ ଓ ଲଜ୍ ମାଲିକମାନଙ୍କୁ ଜଣାଯାଇଛି। ଯାହା ଏସ୍‌ଓପି ପ୍ରସ୍ତୁତ ହେବ, ତାହାକୁ କଡ଼ାକଡ଼ି ଭାବେ ପୋଲିସ ପ୍ରଶାସନ ଲାଗୁ କରିବ ଓ ହୋଟେଲ ମାଲିକମାନେ ଏହି ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ପୂର୍ବରୁ




ଏସ୍‌ପି କନୱର ବିଶାଳ ସିଂ ହୋଟେଲ ଓ ଲଜ୍ ମାଲିକଙ୍କ ସହ ଆଲୋଚନା କରୁଛନ୍ତି ।

### ହୋଟେଲ, ଲଜ୍ ମାଲିକଙ୍କ ସହ ଆଲୋଚନା

ଏସ୍‌ପି କନୱର ବିଶାଲ ସିଂ ବଡ଼ଦାଣ୍ଡରେ ଥିବା ହୋଟେଲ ଧର୍ମଶାଳା ଇତ୍ୟାଦି ବୁଲି ସ୍ଥିତି ସମୀକ୍ଷା କରିସାରିଛନ୍ତି। ହୋଟେଲ ମାଲିକମାନଙ୍କ ସହ ଆଲୋଚନା ପରେ ସମସ୍ତେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଇଛି। ବୈଠକରେଓ ଏସ୍‌ପି କନୱର ବିଶାଲ ସିଂ, ସିଟି ଡିଏସପି ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହୋଟେଲ ମାଲିକମାନେ ପ୍ରଶାସନର ଗାଇଡ୍‌ଲାଇନକୁ ମାନିବାକୁ ପ୍ରସ୍ତୁତ ଥିବା ଏସ୍‌ପିଙ୍କୁ ଜଣାଇଛନ୍ତି।